- Bhubaneswar, 11 may 2026
- ଭୁବନେଶ୍ୱର, ୧୧ ମେ' ୨୦୨୬
- Vol- 1 ◆ Issue- 15
- ଭାଗ-୧ ◆ ସଂଖ୍ୟା- ୧୫
- Rs-Free ◆ Page- 4
- ମୂଲ୍ୟ-ମାଗଣା ◆ ପୃଷ୍ଠା- ୪
- ଦୈନିକ ◆ Daily

Not Printed...Only for trial sample copy
email: pratishabda7@gmail.com,
www.pratishabda.com
Also Available in.. Pratishabda Tv, Fb, ytb, x, insta

# ପ୍ରତିଶବ୍ଦ

The Pratishabda

**Online E-Paper Odia Daily**


## ନୂଆ ରୂପ ପାଇବ ଖଣ୍ଡଗିରି, ଉଦୟଗିରି

### ବିକାଶ ପାଇଁ ୧୦୦ କୋଟିର ସୁପାରିଶ
### ଲାଗିବ କଳିଙ୍ଗ ସମ୍ରାଟ ଖାରବେଳଙ୍କ ବିଶାଳ ପ୍ରତିମୂର୍ତ୍ତି

**ଭୁବନେଶ୍ୱର :** ଓଡ଼ିଶାର ଗୌରବମୟ ଇତିହାସର ଅନ୍ୟତମ ମୂକସାକ୍ଷୀ ଖଣ୍ଡଗିରି-ଉଦୟଗିରିର ବିକାଶ ପାଇଁ ବଡ଼ ଯୋଜନା । ଏହି ଯୁଗ୍ମ ପାହାଡ଼କୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ କରିବେ ରାଜ୍ୟ ସରକାର । ଖଣ୍ଡଗିରି-ଉଦୟଗିରିର ସର୍ବାଙ୍ଗୀନ ବିକାଶ ପାଇଁ ଖର୍ଚ୍ଚ ହେବ ୧୦୦ କୋଟି । ଏଥିଲାଗି ସରକାରଙ୍କୁ ପ୍ରସ୍ତାବ ଦେଇଛି ବିଭାଗୀୟ ଷ୍ଟାଣ୍ଡିଂ କମିଟି। ଏହି ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ସ୍ଥଳକୁ ଓଡ଼ିଶାର ସମ୍ପୂର୍ଣ୍ଣ ପର୍ଯ୍ୟଟନ ଗୌରବ ଭାବେ ବିକଶିତ କରାଯିବ । ଏହି ଦୁଇ ପାହାଡ଼ କଳିଙ୍ଗର ମହାନ୍ ସମ୍ରାଟ ମହାମେଘବାହନ ଐର ଖାରବେଳଙ୍କର ସ୍ମୃତିକୁ ଦର୍ଶାଉଛି । ତେଣୁ ଏଠାରେ ଖାରବେଳଙ୍କ ଏକ ବିଶାଳ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଯୋଜନା ରହିଛି । ଷ୍ଟାଣ୍ଡିଂ କମିଟି ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବରେ ଖଣ୍ଡିଗିରି ଓ ଉଦୟଗିରିର ସଠିକ ରକ୍ଷଣାବେକ୍ଷଣ ସହ ପାହାଡ଼ର ଚତୁଃପାର୍ଶ୍ୱ ବିକାଶ ପାଇଁ ଅନେକ ଯୋଜନା ରହିଛି। ଖଣ୍ଡିଗିରି ପୂର୍ବ ପାର୍ଶ୍ୱ ଓ ପାଦଦେଶର ସୌନ୍ଦର୍ଯ୍ୟକରଣ, ପାହାଡ଼ ଉପରକୁ ଯିବା ପାଇଁ ୱାକିଂ ପାର୍କ, ମ୍ୟୁଜିକାଲ୍ ଫାଉଣ୍ଟେନ ସହ ବୃକ୍ଷରୋପଣ ପାଇଁ ପ୍ରସ୍ତାବ ଦିଆଯାଇଛି। ସେହିପରି ଅତ୍ୟାଧୁନିକ ଆଲୋକୀକରଣ ସହ ବୟସ୍କ ଓ ଭିନ୍ନକ୍ଷମ ପର୍ଯ୍ୟଟକଙ୍କ ସୁବିଧା ଲାଗି ରାମ୍ପ ଓ ଲିଫ୍ଟ ବ୍ୟବସ୍ଥା ପାଇଁ ପ୍ରସ୍ତାବ ରହିଛି। ଐତିହ୍ୟର ସୁରକ୍ଷା ଦୃଷ୍ଟିରୁ ଦୁଇ ପାହାଡ଼ ମଧ୍ୟ ଦେଇ ଯାଇଥିବା ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରି ଏକ ସ୍ଥାୟୀ ପ୍ରବେଶ ପଥ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ସେହିପରି ଏକ ମୁକ୍ତାକାଶ ରଙ୍ଗମଞ୍ଚ ବା ଓପନ୍ ଏୟାର୍ ଆମ୍ଫି-ଥିଏଟର୍ ଏବଂ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ ଲାଗି ଯୋଜନା ରହିଛି। ତେବେ ଷ୍ଟାଣ୍ଡିଂ କମିଟିର ଏହି ପ୍ରସ୍ତାବ ବର୍ତ୍ତମାନ ସୁପାରିଶ ପର୍ଯ୍ୟାୟରେ ରହିଛି । ପର୍ଯ୍ୟଟନ ବିଭାଗ ଏହି ସମସ୍ତ ପ୍ରସ୍ତାବର ଅନୁଧ୍ୟାନ କରି ଜମି ଅଧିଗ୍ରହଣ ଓ ଅର୍ଥ ବ୍ୟବସ୍ଥା ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ମେ' ମାସ ଶେଷ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ଚୂଡ଼ାନ୍ତ ନିଷ୍ପତ୍ତି ପରେ ହିଁ ଏହି ପ୍ରକଳ୍ପର ଭାଗ୍ୟ ନିର୍ଦ୍ଧାରଣ ହେବ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ବର୍ତ୍ତମାନ ଖଣ୍ଡଗିରି ଉଦୟଗିରିର ରକ୍ଷଣାବେକ୍ଷଣ ଓ ପରିଚାଳନା କରୁଛି।

# ତାମିଲନାଡୁରେ ବିଜୟ ଯୁଗ ଆରମ୍ଭ

- ପ୍ରଥମ ଅଣଦ୍ରାବିଡ଼ ମୁଖ୍ୟମନ୍ତ୍ରୀ ଭାବେ ନେଲେ ଶପଥ
- ନଅ ଜଣ ମନ୍ତ୍ରୀ ମଧ କଲେ ଶପଥ ଗ୍ରହଣ
- ରାହୁଲ ଗାନ୍ଧୀ ଶପଥ ଗ୍ରହଣ ସମାରୋହରେ ସାମିଲ



**ନୂଆଦିଲ୍ଲୀ :** ଅପେକ୍ଷାର ଅନ୍ତ । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ଟିଭିକେ ମୁଖ୍ୟ ବିଜୟ । ରବିବାର ଠାରୁ ତାମିଲନାଡୁରେ ବିଜୟ ସରକାର ଆରମ୍ଭ ହୋଇଛି । ୧୯୬୭ ପରେ ପ୍ରଥମ ଅଣଦ୍ରାବିଡ଼ ମୁଖ୍ୟମନ୍ତ୍ରୀ ଭାବେ ନେଇଛନ୍ତି ଶପଥ । ରାଜ୍ୟରେ ବିଜୟ ଯୁଗ ଜାରି । ଟିଭିକେ ଚିଫ୍ ବିଜୟଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି ରାଜ୍ୟପାଳ । ଚେନ୍ନାଇର ଜବାହରଲାଲ୍ ନେହରୁ ଷ୍ଟାଡିୟମରେ ଐତିହାସିକ ଶପଥ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଉତ୍ସବରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ମଧ ଉପସ୍ଥିତ ରହିଥିଲେ । ଟିଭିକେ ମୁଖ୍ୟଙ୍କ ସହ ୯ ଜଣଙ୍କ ବିଜୟଙ୍କ କ୍ୟାବିନେଟରେ ଶପଥ ଗ୍ରହଣ କରିଛନ୍ତି । ଶପଥ ଗ୍ରହଣ ସମାରୋହରେ ସମର୍ଥକଙ୍କ ଉପସ୍ଥିତିରେ ଷ୍ଟାଡିୟମ ଉଚ୍ଛୁଳି ପଡ଼ିଥିଲା । ବିଜୟଙ୍କ ବାପା, ମାଆ ଏବଂ ତାଙ୍କ ଲେଡି ଲକ୍ କୁହାଯାଉଥିବା ଅଭିନେତ୍ରୀ ତ୍ରିଶା କ୍ରିଷ୍ଣନ ଉପସ୍ଥିତ ରହିଥିଲେ । ବିଜୟ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବା ସହିତ ତାମିଲନାଡୁ ରାଜନୀତିର ନୂତନ ଯୁଗରେ ପ୍ରବେଶ କରିଛି । ବ୍ଲାକ୍ ପ୍ୟାଣ୍ଟ ଏବଂ ହ୍ୱାଇଟ୍ ସାର୍ଟରେ ଜବରଦସ୍ତ ଲୁକ୍‌ରେ ନଜର ଆସିଥିଲେ ସିଏମ୍ ଜୋସେଫ୍ ବିଜୟ । ବିଜୟ ମନ୍ତ୍ରିମଣ୍ଡଳରେ ୯ ଜଣ ମନ୍ତ୍ରୀ ଶପଥ ନେଇଛନ୍ତି । ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ଏନ୍. ଆନନ୍ଦ. ଅଦଭ ଅର୍ଜୁନ, କେ.ଜି ଅରୁନରାଜ, କେ.ଏ ସେଙ୍ଗୋଟାଇୟାନ୍, ପି. ଭେଙ୍କଟରମନନ୍ , ଆର. ନିର୍ମଳକୁମାର, ରାଜମୋହନ,ଟି.କେ ପ୍ରଭୁ, ସେଲଭି ଏସ୍. କୀର୍ତ୍ତନା । ଏକମାତ୍ର ମହିଳା ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ସେଲ୍‌ଭି ଏସ୍. କୀର୍ତ୍ତନ । ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ବିଜୟ କହିଛନ୍ତି 'ଏହା ଏକ ନୂତନ ଆରମ୍ଭ । ଧର୍ମନିରପେକ୍ଷ, ସାମାଜିକ ନ୍ୟାୟର ଏକ ନୂତନ ଯୁଗ ଏବେ ଆରମ୍ଭ ହେଉଛି ।' ଏହା ସହିତ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବା ପରେ ଟିଭିକେ ମୁଖ୍ୟ ସି ଜୋସେଫ ବିଜୟ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟରେ ସ୍ୱାକ୍ଷର କରିଛନ୍ତି, ଯେଉଁଥିରେ ଅନ୍ତର୍ଭୁକ୍ତ ୩ଟି ବଡ଼ ବିଷୟ ରହିଛି । ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଣ । ନିଶା ନିବାରଣ ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ । ମହିଳା ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ। ମାତ୍ର ଦୁଇ ବର୍ଷ ତଳେ ଟିଭିକେ ଗଠନ କରିଥିଲେ ବିଜୟ। ଅଭିନେତାରୁ ରାଜନେତା ପାଲଟି ଥିବା ବିଜୟଙ୍କ ଦଳ ତା'ର ପ୍ରଥମ ବିଧାନସଭା ନିର୍ବାଚନରେ ୨୩୪ଟି ଆସନରୁ ୧୦୮ଟିରେ ବିଜୟ ହୋଇ ସର୍ବବୃହତ୍ତ ଦଳ ଭାବେ ଉଭା ହୋଇଥିଲା। ସରକାର ଗଠନ ନିମନ୍ତେ ୧୧୮ ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ ହେଉଥିଲା। ଟିଭିକେକୁ ସରକାର ଗଠନ କରିବା ପାଇଁ ପ୍ରଥମେ କଂଗ୍ରେସ ସମର୍ଥନର ହାତ ବଢ଼ାଇଥିଲା। କଂଗ୍ରେସର ୫ ଜଣ ବିଧାୟକ ଥିବା ବେଳେ ସରକାର ଗଠନ ପାଇଁ ଟିଭିକେକୁ ଆହୁରି ୫ ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ ହେଉଥିଲା। ଟିଭିକେ ପକ୍ଷରୁ ସିପିଆଇ, ସିପିଏମ୍ ଓ ଆଉ କିଛି ଛୋଟ ଦଳ ସହିତ ଆଲୋଚନା ଜାରି ରହିଥିଲା। ତା' ଭିତରେ ସେ ରାଜ୍ୟପାଳଙ୍କୁ ୪ ଥର ଭେଟିଥିଲେ ସରକାର ଗଠନ ଦାବି ନେଇ। ଆଉ ଶେଷରେ ସିପିଆଇ, ସିପିଏମ୍ ସହିତ ଭିସିକେ ଓ ଆଇୟୁଏମ୍‌ଏଲର ସମର୍ଥନ ପାଇ ସରକାର ଗଠନ କରିବାକୁ ସମର୍ଥ ହୋଇଛନ୍ତି ବିଜୟ।

### କାନୁପୁର ଡ୍ୟାମ୍ ନିର୍ମାଣ କାମ ବେଳେ ଅଘଟଣ
## ବିଦ୍ୟୁତ୍ ଆଘାତରେ ୨ ଶ୍ରମିକଙ୍କ ମୃତ୍ୟୁ

**ବଡବିଲ :** କେନ୍ଦୁଝର ଜିଲ୍ଲାର କାନୁପୁର ବୃହତ୍ ଜଳ ସେଚନ ପ୍ରକଳ୍ପର ଡ୍ୟାମ୍ ନିର୍ମାଣ କାର୍ଯ୍ୟ ବେଳେ ଅଘଟଣ । ୱେଲ୍ଡିଂ କାମ କରୁଥିବା ସମୟରେ ବିଦ୍ୟୁତ୍ ଆଘାତ ଲାଗି ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ପଶ୍ଚିମବଙ୍ଗର ଜଲପାଇଗୁଡ଼ି ଅଞ୍ଚଳର ଉତ୍ତମ ରାୟ ଓ ଆପୁ ରାୟ । ସେମାନେ ଏକ ଠିକା ସଂସ୍ଥା ମାଧ୍ୟମରେ ଡ୍ୟାମ୍ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ । ରବିବାର ପ୍ରକଳ୍ପ ଅଞ୍ଚଳରେ ଶ୍ରମିକ ଉତ୍ତମ ରାୟ ଓ ଆପୁ ରାୟ ୱେଲ୍ଡିଂ କାମ କରୁଥିଲେ। ହଠାତ୍ ଉଭୟଙ୍କୁ ବିଦ୍ୟୁତ୍ ଝଟକା ଲାଗିଥିଲା । ଫଳରେ ସେମାନେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ । ତୁରନ୍ତ ସେମାନଙ୍କୁ ପ୍ରଥମେ ବାସୁଦେବପୁର ମେଡିକାଲ ଓ ପରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସମ୍ପର୍କରେ ଖବର ପାଇ ଯୋଡ଼ା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

### ବଲାଙ୍ଗୀର ଜିଲ୍ଲାରେ ଅଭାବନୀୟ ଘଟଣା
## ଭୁଲ ଇଞ୍ଜେକ୍ସନ ପାଇଁ ଚାଲିଗଲା ଜୀବନ

**ବଲାଙ୍ଗୀର :** ଭୁଲ ଇଞ୍ଜେକ୍ସନ ପାଇଁ ଚାଲିଗଲା ଜୀବନ । ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା କର୍ଲ୍ଲପିଟା ଗାଁରେ ଅଭାବନୀୟ ଘଟଣା । ଦେହ ଅସୁସ୍ଥ ପାଇଁ ଗାଁ କ୍ଲିନିକ୍‌କୁ ଚିକିତ୍ସା ପାଇଁ ଆସିଥିଲେ ବୃଦ୍ଧା ରୋଗୀ ମୃତ୍ୟୁ ପରେ କ୍ୱାକ୍ ଫେରାର। ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା କର୍ଲ୍ଲପିଟା ଗାଁରେ ଅଭାବନୀୟ ଘଟଣା । ପୁଣି ଜଣେ କ୍ୱାକର ଭୁଲ ଇଞ୍ଜେକ୍ସନ ଯୋଗୁଁ ରୋଗୀର ମୃତ୍ୟୁ ଅଭିଯୋଗ। ମୃତ ବୃଦ୍ଧା ଜଣକ ହେଲେ କର୍ଲ୍ଲପିଟା ଗାଁର କୌଶଲ୍ୟା ପନିକା । ଆଜି ସକାଳୁ ସକାଳୁ ଦେହରେ ଅସୁସ୍ଥ ଅନୁଭବ କରିଥିଲେ । ଫଳରେ କୌଶଲ୍ୟାଙ୍କ ନାତୁଣୀ ସହ ହଳଦୀ ଗାଁରେ ଥିବା ଟୁନୁ ବର୍ଗତ୍ତିଙ୍କ କ୍ଲିନିକକୁ ଚିକିତ୍ସା ପାଇଁ ନେଇଥିଲେ ।କ୍ୱାକ କୌଶଲ୍ୟାକୁ ଏକ ଇଞ୍ଜେକ୍ସନ ଦେଇଥିଲେ । ଫଳରେ କୌଶଲ୍ୟାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଛି । କୌଶଲ୍ୟାଙ୍କ ମୃତ୍ୟୁ ହେବା ପରେ କ୍ଲିନିକକୁ ବନ୍ଦ କରି ଫେରାର ମାରିଛି କ୍ୱାକ ଟୁନୁ ବର୍ଗତ୍ତି । ସ୍ଥାନୀୟ ଲୋକଙ୍କ ଚାପରେ ପରିବାର ଲୋକେ ମୁହଁ ଖୋଲୁନାହାନ୍ତି । ସେପଟେ ଗାଁର କିଛି ଜଣ ଲୋକ ଆସି ରୁଦ୍ରଙ୍କ ପରିବାର ଲୋକଙ୍କୁ ବୁଝାସୁଝା କରିଥିବା ଜଣାପଡ଼ିଛି। ଘଟଣା ସ୍ଥଳରେ ପୁଲିସ ମଧ୍ୟ ପହଂଚି ଅଧିକ ତଦନ୍ତ କରୁଥିବା ଦେଖା ଦେଇଛି ।

### ମଧ୍ୟପ୍ରାଚ୍ୟ ଯୁଦ୍ଧ: ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ବଡ଼ ଆହ୍ୱାନ

# ପେଟ୍ରୋଲ୍ ଓ ଡିଜେଲ୍ ବ୍ୟବହାର କମ୍ କର

- ବର୍ଷେ ପର୍ଯ୍ୟନ୍ତ ସୁନା ଗହଣା କିଣନି
- ଦେଶବାସୀ ଏକତ୍ରିତ ହେବାକୁ କଲେ ଅପିଲ



**ନୂଆଦିଲ୍ଲୀ:** ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତବାସୀଙ୍କୁ ବଡ଼ ପରାମର୍ଶ ଦେଇଛନ୍ତି । ସଂଯମତାର ସହିତ ପେଟ୍ରୋଲିୟମ ଉତ୍ପାଦ ବ୍ୟବହାର କରିବାକୁ ଅନୁରୋଧ କରିଛନ୍ତି । ସେ କହିଥିଲେ ଯେ ଭାରତ ବ୍ୟାପକ ପରିମାଣରେ ଇନ୍ଧନ ଆମଦାନୀ କରେ । ତେଣୁ, ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସକୁ ସୁବିବେଚନା ସହିତ ବ୍ୟବହାର କରିବା ଅତ୍ୟନ୍ତ ଜରୁରୀ ।ତେଲେଙ୍ଗାନାର ରାଜଧାନୀ ହାଇଦ୍ରାବାଦରେ ୯,୩୭୭ କୋଟି ଟଙ୍କାର ବିକାଶ ପ୍ରକଳ୍ପ ଉଦଘାଟନ କରିବା ପରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, "ଆଜି ସମୟର ଆବଶ୍ୟକତା ହେଉଛି ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ ଭଳି ସାମଗ୍ରୀକୁ ବହୁତ ସଂଯମତାର ସହିତ ବ୍ୟବହାର କରିବା। ଆମକୁ ଆମର ଆବଶ୍ୟକତା ଅନୁଯାୟୀ ଆମଦାନୀ ହୋଇଥିବା ପେଟ୍ରୋଲିୟମ ଉତ୍ପାଦକୁ କଠୋର ଭାବରେ ବ୍ୟବହାର କରିବା ଉଚିତ। ଏହା କେବଳ ବୈଦେଶିକ ମୁଦ୍ରା ସଞ୍ଚୟ କରିବ ନାହିଁ ବରଂ ଯୁଦ୍ଧର ପ୍ରତିକୂଳ ପ୍ରଭାବକୁ ମଧ୍ୟ ହ୍ରାସ କରିବ।"କରୋନା ମହାମାରୀ ସମୟରେ, ଆମେ ଘରୁ କାମ କରିଥିଲୁ, ଅନଲାଇନ୍ ବୈଠକ କରିଥିଲୁ ଏବଂ ଭିଡିଓ କନଫରେନ୍ସ କରିଥିଲୁ । ଆମେ ଏପରି ଅନେକ ସିଷ୍ଟମ ବିକଶିତ କରିଥିଲୁ ଏବଂ ଆମେ ସେମାନଙ୍କ ସହିତ ଅଭ୍ୟସ୍ତ ହୋଇଗଲୁ । ଆଜି, ସମୟର ଆବଶ୍ୟକତା ହେଉଛି ଏହି ବ୍ୟବସ୍ଥାଗୁଡ଼ିକୁ ପୁନଃ ଆରମ୍ଭ କରିବା । ଏହା କରିବା ଜାତୀୟ ସ୍ୱାର୍ଥରେ ହେବ, ଏବଂ ଆମକୁ ପୁଣି ଥରେ ସେଗୁଡ଼ିକୁ ପ୍ରାଥମିକତା ଦେବାକୁ ପଡିବ। ବର୍ତ୍ତମାନର ସଙ୍କଟକୁ ଦୃଷ୍ଟିରେ ରଖି, ଆମକୁ ବିଦେଶୀ ମୁଦ୍ରା ସଂରକ୍ଷଣ ଉପରେ ମଧ ଦୃଢ଼ ଗୁରୁତ୍ୱ ଦେବାକୁ ପଡିବ ।ପ୍ରଧାନମନ୍ତ୍ରୀ ମୋଦି ଲୋକମାନଙ୍କୁ ଅତି କମରେ ଗୋଟିଏ ବର୍ଷ ପାଇଁ ବିଦେଶ ଗସ୍ତରୁ ନିବୃତ୍ତ ରହିବାକୁ ଅନୁରୋଧ କରିଥିଲେ। ସେ କହିଥିଲେ, "ଆଜିକାଲି ମଧ୍ୟବିତ୍ତ ବର୍ଗଙ୍କ ମଧ୍ୟରେ ଡେଷ୍ଟିନେସନ୍ ବିବାହ, ବିଦେଶ ଯାତ୍ରା ଏବଂ ବିଦେଶରେ ଛୁଟି କାଟିବାର ଧାରା ବୃଦ୍ଧି ପାଉଛି। ଯେତେବେଳେ ଦେଶ ଏକ ସଙ୍କଟର ସମ୍ମୁଖୀନ ହେଉଛି ଏବଂ ଆମର ଦେଶପ୍ରେମ ଆମକୁ ଆହ୍ୱାନ କରୁଛି, ଆମେ ଅତି କମରେ ଗୋଟିଏ ବର୍ଷ ପାଇଁ ବିଦେଶ ଯାତ୍ରା ସ୍ଥଗିତ ରଖିବା ପାଇଁ ସଂକଳ୍ପ ନେବା ଉଚିତ। ଭାରତରେ ଅନେକ ସୁନ୍ଦର ସ୍ଥାନ ଅଛି ଯାହାକୁ ଜଣେ ପରିଦର୍ଶନ କରିପାରିବେ।" ବର୍ଷେ ପର୍ଯ୍ୟନ୍ତ ସୁନା ଗହଣା କିଣନ୍ତୁ ନାହିଁ । ସେ କହିଥିଲେ ଯେ, ବିଦେଶୀ ମୁଦ୍ରା ସଂରକ୍ଷଣ କରିବା ପାଇଁ, ଆମକୁ ଛୋଟ, କ୍ରମବର୍ଦ୍ଧିଷ୍ଣୁ ପଦକ୍ଷେପ ନେବାକୁ ପଡିବ। ସୁନା କ୍ରୟ ବିଷୟରେ ଏକ କାର୍ଯ୍ୟକଳାପ ଯାହା ଏକ ଗୁରୁତ୍ୱପୂର୍ଣ୍ଣ ପରିମାଣର ବିଦେଶୀ ମୁଦ୍ରା ବ୍ୟବହାର କରେ । ଆମକୁ ଜାତୀୟ ସ୍ୱାର୍ଥରେ ନିଷ୍ପତ୍ତି ନେବାକୁ ପଡିବ । ଆଗାମୀ ବର୍ଷ ପାଇଁ, ଆମେ ଆମର ଯେକୌଣସି ସମାରୋହ ପାଇଁ ସୁନା କ୍ରୟ କରିବାରୁ ନିବୃତ୍ତ ରହିବା । ଏହି ସମସ୍ତ ସାମୂହିକ ପ୍ରୟାସ ମାଧ୍ୟମରେ, ଆମକୁ ବିଦେଶୀ ମୁଦ୍ରା ସଞ୍ଚୟ କରିବାରେ ସଫଳ ହେବାକୁ ପଡିବ।


### ପୁଣି ଇସ୍କନର ଧୃଷ୍ଟତା, ଜଗନ୍ନାଥ ସଂସ୍କୃତିକୁ ପୁଣି କୁଠାରଘାତ
## ଲଣ୍ଡନରେ ପୁଣି ମହାପ୍ରଭୁଙ୍କ ଅଦିନିଆ ସ୍ନାନଯାତ୍ରା

**ଭୁବନେଶ୍ୱର :** ଲଣ୍ଡନ ନିକଟ ୱାଟଫୋର୍ଡରେ ଥିବା ଇସ୍କନ ଜଗନ୍ନାଥ ସଂସ୍କୃତିର ପୁଣି ଧଜ୍ଜିଆ ଉଡ଼ାଇଛି ଇସ୍କନ୍। ତା ସହ ମହାପ୍ରଭୁଙ୍କୁ ବି କରିଛି ଘୋର ଅପମାନ। ଖାଲି ଅତିଥିରେ ପର୍ବ ପାଳିନି ବରଂ ପରମ୍ପରାର ହତ୍ୟା ବି କରିଛି। କିଏ କ୍ଷୀର ଢାଳୁଛି ତ ଆଉ କିଏ ଦହି। ଯିଏ ଯେମିତି ପାରିଲା, ଯେଉଁଥିରେ ପାରିଲା ମହାପ୍ରଭୁଙ୍କୁ ଗାଧୋଇ ଦେଉଛି। ୧୦୮ ଗରା ସୁବାସିତ ଜଳ ବଦଳରେ ମନଇଚ୍ଛା ଘରୁ ଆଣି ଢଳାଯାଉଛି ପାଣି। ବିଶ୍ୱନିୟନ୍ତାଙ୍କ ପ୍ରତି ଏଭଳି ଅପମାନଜନକ ଦୃଶ୍ୟ ଦେଖି ଖପ୍ପା ହୋଇଛନ୍ତି କୋଟି କୋଟି ଜଗନ୍ନାଥପ୍ରେମୀ। ଭକ୍ତଙ୍କଠୁ ସେବାୟତ ମହଲ ପର୍ଯ୍ୟନ୍ତ, ପ୍ରକାଶ ପାଇଛି ତୀବ୍ର ପ୍ରତିକ୍ରିୟା। ଖୋଦ୍ ସେଠାକାର ଶ୍ରୀଜଗନ୍ନାଥ ସୋସାଇଟିର ସଦସ୍ୟମାନେ ବି କ୍ଷୋଭ ପ୍ରକାଶ କରିଛନ୍ତି। ଇସ୍କନ ଗଭର୍ଣ୍ଣିଂ ବଡି ପକ୍ଷରୁ ଗଜପତି ମହାରାଜଙ୍କୁ ଲେଖାଯାଇଥିବା ଚିଠିରେ ସ୍ପଷ୍ଟ ଭାବେ ଇସ୍କନ୍ ଲେଖିଥିଲା, କେବଳ ତିଥିରେ ହିଁ ସବୁଠି ସ୍ନାନ ପୂର୍ଣ୍ଣିମା ପାଳନ କରାଯିବ। ଏଥିପାଇଁ ସବୁ ଇସ୍କନ୍ ଟେମ୍ପୁଲକୁ ନିର୍ଦ୍ଦେଶ ଦିଆଯାଇଛି। ମାସ କେଇଟା ବିତିନି, ନିଜ ପ୍ରତିଶ୍ରୁତିକୁ ପାଣିର ଗାର ଭଳି ଧୋଇଦେଇଛି ନିଜେ ଇସ୍କନ୍। ଅଦିନରେ ରଥଯାତ୍ରା ଓ ସ୍ନାନ ଯାତ୍ରା କରି ମହାପ୍ରଭୁଙ୍କ ମୂଳପୀଠ ପରମ୍ପରାକୁ ବାରମ୍ବାର ଉଲ୍ଲଂଘନ କରୁଛି ଇସ୍କନ୍। ଯାହାକୁ ନେଇ ଐକ୍ୟ ସ୍ଥାପନା ମଣ୍ଡଳୀର ଗୁରୁତ୍ୱପୂର୍ଣ୍ଣ ବୈଠକରେ ତୀବ୍ର ଅସନ୍ତୋଷ ଝାଡ଼ିଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ। ବିଶ୍ୱର ବିଭିନ୍ନ ସ୍ଥାନରେ ୮୦ଟି ରଥଯାତ୍ରା ଓ ୧୦ଟି ସ୍ନାନଯାତ୍ରା ଅତିଥିରେ ଆୟୋଜନ କରିବାକୁ ଧାର୍ଯ୍ୟ କରିଛି ଇସ୍କନ୍। ଯାହାକି ଶାସ୍ତ୍ର ବିରୋଧୀ । ଏପଟେ ଇସ୍କନକୁ କଡ଼ା ସମାଲୋଚନା କରି ଜଗନ୍ନାଥ ସଂସ୍କୃତି ଗବେଷକ କହିଛନ୍ତି, କିଛି ଲୋକ ରଥଯାତ୍ରା କିମ୍ବା ସ୍ନାନଯାତ୍ରାକୁ ପିକନିକ୍ ଭାବିନେଉଛନ୍ତି। ଚଳିତ ବର୍ଷ ଜୁନ୍ ୨୯ରେ ସ୍ନାନ ଓ ଜୁଲାଇ ୧୬ରେ ପଡୁଛି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ତେବେ ତା ପୂର୍ବରୁ ବିଶ୍ୱବ୍ୟାପୀ ମନ ଇଚ୍ଛା ଗଦା ଗଦା ଏହି ଉତ୍ସବ ପାଳନ କରିବାକୁ ଯୋଜନା ରଖିଛି ଇସ୍କନ। ପ୍ରଶ୍ନ ଉଠୁଛି- ବାରମ୍ବାର କୁହାଯିବା ସତ୍ତ୍ୱେ କାହିଁକି ଜିଦ୍ ଛାଡୁନି ଇସ୍କନ ? ଉଦ୍ଦେଶ୍ୟମୂଳକ ଭାବେ ଜଗନ୍ନାଥ ସଂସ୍କୃତିକୁ କାହିଁକି କରାଯାଉଛି ଅପମାନ ? ଘଟଣାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉଦବେଗ ବଢୁଥିବା ବେଳେ ଇସ୍କନର ପ୍ରତିକ୍ରିୟା ମିଳିପାରିନି।

### ବାଲିଅନ୍ତା ହତ୍ୟା ଘଟଣାରେ କାର୍ଯ୍ୟାନୁଷ୍ଠାନ

# ଏସଆଇଙ୍କ ସମେତ ୪ ନିଲମ୍ବିତ

- ବଦଳିଲେ ବାଲିଅନ୍ତା ଥାନା ଆଇଆଇସି
- ୨ ହୋମ୍‌ଗାର୍ଡ କାର୍ଯ୍ୟରୁ ଅନ୍ତର
- ତଦନ୍ତକୁ ଜୋରଦାର କଲା କ୍ରାଇମବ୍ରାଞ୍ଚ
- ସିଷ୍ଟମରେ ହେବ ବଡ଼ ଧରଣର ପରିବର୍ତ୍ତନ : ଡିଜିପି





**ଭୁବନେଶ୍ୱର :** ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ ଜଣେ ଜିଆରପି କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଲୋକେ ପିଟି ପିଟି ହତ୍ୟା କରିଦେବା ଘଟଣାରେ ଆରମ୍ଭ ହୋଇଛି କାର୍ଯ୍ୟାନୁଷ୍ଠାନ। ଏହି ଘଟଣାରେ ପୁଲିସର ଅବହେଳା ଓ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ରବିବାର ବାଲିଅନ୍ତା ଥାନା ଆଇଆଇସି ଅନୀଲ ପରିଡ଼ାଙ୍କୁ ବଦଳି କରାଯାଇଛି। ତା' ସହିତ ଥାନାର ୪ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ଏସ୍‌ଆଇ, ଜଣେ ଏଏସ୍‌ଆଇ, ଜଣେ ଓଏପିଏଫ କର୍ମଚାରୀ ଓ ଜଣେ କନଷ୍ଟେବଳ ଅଛନ୍ତି। ସେହିପରି ୨ ଜଣ ହୋମଗାର୍ଡଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ଏହି ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦିଆଯାଇଛି। ଆଜି କ୍ରାଇମବ୍ରାଞ୍ଚ ତଦନ୍ତ ଭାର ନେବା ପରେ ବାଲିଅନ୍ତା ଥାନାର ଏହି ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ଦାୟିତ୍ୱ ନେବା ପରେ ବାଲିଅନ୍ତା ଥାନାକୁ ଯାଇ ତଥ୍ୟ ସଂଗ୍ରହ କରିଥିଲା। ତା' ସହିତ ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳକୁ ମଧ ଯାଇ ଯାଞ୍ଚ କରିଛି କ୍ରାଇମବ୍ରାଞ୍ଚ। ପୁଲିସ୍ ଟିମ୍‌ର ଉପସ୍ଥିତିରେ ଜିଆରପି କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଲୋକେ ପିଟି ଥିବା ଅଭିଯୋଗ ହୋଇଥିଲା। ଲୋକେ ତାଙ୍କୁ ମନଇଚ୍ଛା ପିଟୁଥିବା ବେଳେ ପୁଲିସ ନୀରବଦ୍ରଷ୍ଟା ପାଲଟିଥିଲା। ଏମିତିକି ଜଣେ ଏସ୍‌ଆଇଙ୍କ ନିର୍ଦ୍ଦେଶରେ ସୌମ୍ୟଙ୍କୁ ଗୋଡ଼ହାତ ବନ୍ଧା ଅବସ୍ଥାରେ ଏକ ବାଉଁଶରେ ଭାର କରି ଏକ ମିନି ଟ୍ରକ୍‌ରେ ପକାଇ ଡାକ୍ତରଖାନା ନିଆଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୧୧ ଜଣଙ୍କୁ ଗିରଫ କରାଯାଇଛି। ଦୁଇ ଜଣ ଯୁବତୀଙ୍କୁ ମୃତ ସୌମ୍ୟ ଅସଦାଚରଣ କରିବା ସହ ମାଡ଼ମାରିଥିବା ତଥା ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏହି କଥାକୁ ନେଇ ଘଟଣାସ୍ଥଳରେ ଜମା ହୋଇଥିବା ଲୋକେ ସୌମ୍ୟଙ୍କୁ ପିଟି ପିଟି ମାରି ଦେଇଥିଲେ। ଅନ୍ୟପକ୍ଷରେ ଯୁବତୀ ଦ୍ୱୟଙ୍କ ଅଭିଯୋଗକୁ ସେଦିନ ସୌମ୍ୟଙ୍କ ସହିତ ଉପସ୍ଥିତ ରହିଥିବା ତାଙ୍କ ସାଙ୍ଗ ଓମ୍ ପ୍ରକାଶ ଖଣ୍ଡନ କରିଛନ୍ତି। ସୌମ୍ୟ ଯୁବତୀ ଦ୍ୱୟଙ୍କୁ ଗାଳିଗୁଲଜ କରିବା ସହିତ ପିଟିଥିବା କଥାକୁ ସେ ସ୍ୱୀକାର କରିଥିବା ବେଳେ ଦୁଷ୍କର୍ମ ଉଦ୍ୟମ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏହା ସହିତ ଘଟଣାସ୍ଥଳରେ ପହଞ୍ଚିଥିବା ପୁଲିସ କର୍ମଚାରୀ ଓ ଏସ୍‌ଆଇଙ୍କ ଉପରକୁ ସେ ଅଙ୍ଗୁଳି ଉଠାଇଥିଲେ। ପୁଲିସ ଚାହିଁଥିଲେ ସୌମ୍ୟ ବଞ୍ଚି ଯାଇଥା'ନ୍ତେ ବୋଲି ସେ କହିଥିଲେ। ଅନ୍ୟପଟରେ ବାଲିଅନ୍ତା ସୌମ୍ୟ ହତ୍ୟା ଘଟଣାରେ କ୍ରାଇମବ୍ରାଞ୍ଚ ଭଲ ତଦନ୍ତ କରିବ। କମିଶନରେଟ ପୋଲିସ ଏବଂ ଓଡ଼ିଶା ପୋଲିସ ଉପରେ ଲୋକଙ୍କ ଭରସା ଅଛି । ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି। ଅପରାଧ ନିୟନ୍ତ୍ରଣ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି । ଭୁବନେଶ୍ୱର ଟଚଉ ରେ ଆଇନ ଶୃଙ୍ଖଳା ନେଇ ସମୀକ୍ଷା ପରେ ପୋଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ ଏହା କହିଛନ୍ତି ।ଆକ୍ସନ୍ ମୋଡରେ କମିଶନରେଟ୍ ପୋଲିସ । ରାଜଧାନୀରେ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ସୁଧାରିବା ଏବଂ ଜନସାଧାରଣଙ୍କ ମନରୁ ଭୟ ଦୂର କରି ବିଶ୍ୱାସ ଜିତିବା ପାଇଁ ପୁଣି ଥରେ ଅଣ୍ଟା ଭିଡ଼ିଛି କମିଶନରେଟ୍ ପୋଲିସ। ଭୁବନେଶ୍ୱର ୟୁପିଡି ଅନ୍ତର୍ଗତ ସମସ୍ତ ଥାନା ଅଧିକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୋଲିସ ସେବାରେ ଥିବା ତ୍ରୁଟିକୁ ସୁଧାରିବା ସହ ଅପରାଧ ନିୟନ୍ତ୍ରଣ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ସିଷ୍ଟମରେ ହେବ ବଡ଼ ଧରଣର ପରିବର୍ତ୍ତନ। ବୈଠକରେ ପ୍ରତ୍ୟେକ ଥାନାର ଆଇଆଇସିଙ୍କ ସହ ସେମାନଙ୍କ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ପୋଲିସ ପ୍ରଶାସନରେ ଯଦି ବର୍ତ୍ତମାନର କାର୍ଯ୍ୟଶୈଳୀ ବା ସିଷ୍ଟମରେ କୌଣସି ପ୍ରକାରର ଅଭାବ ରହିଛି, ତେବେ ତାହାକୁ ତୁରନ୍ତ ସୁଧାର କରାଯିବ । ଲୋକଙ୍କୁ ଉତ୍ତମ ସେବା ଯୋଗାଇଦେବା ଏବଂ ପୋଲିସ ଉପରେ ଥିବା ଆସ୍ଥାକୁ ଫେରାଇ ଆଣିବା ମୁଖ୍ୟ ଉଦ୍ଦେଶ୍ୟ।

## ସମ୍ପାଦକୀୟ

# ଉତ୍ତପ୍ତ ମଧ୍ୟପ୍ରାଚ୍ୟ

ଦୀର୍ଘଦିନରୁ କୁହୁଳୁଥିବା ଅଶାନ୍ତି ଏବେ ଯେଭଳି ଉଗ୍ରରୂପ ନେଲା, ଦୀର୍ଘ ଦିନରୁ କୁହୁଳୁଥିବା କ୍ରୋଧାଗ୍ନି ଯେମିତି ଏବେ ଅଗ୍ନି ପିଣ୍ଡୁଳାରେ ପରିଣତ ହୋଇଛି, ତାହାର ଲେଲିହାନ ଶିଖାର ପ୍ରଭାବରେ ପୂରା ଜଳୁଛି ତେହେରାନ୍ । ଇରାନର ରାଜଧାନୀ ତେହେରାନ୍ । ତେହେରାନ୍‌ର ବିଭିନ୍ନ ସ୍ଥାନରେ ଏବେ ଯେଭଳି ସ୍ଥିତି ଉପୁଜିଛି, ତାହା କେବଳ ତେହେରାନ୍‌କୁ ନୁହେଁ ପୂରା ଇରାନ୍‌କୁ ବରବାଦୀ ରାସ୍ତାରେ ଟାଣିନେଇଛି। ଏଭଳି ପରିସ୍ଥିତି ପଛରେ ଅବଶ୍ୟ ରହିଛି ଆମେରିକା ଏବଂ ଇସ୍ରାଏଲ୍‌ର ଯୁଦ୍ଧଖୋର ମନୋଭାବ। ଏଥିପାଇଁ ଆମେ କେବଳ ଆମେରିକ୍‌କୁ ଦାୟୀ କରିପାରିବା ନାହିଁ କିମ୍ବା ଆମେ ଏଥିପାଇଁ କେବଳ ଇସ୍ରାଏଲକୁ ଦାୟୀ କରିପାରିବା ନାହିଁ କିନ୍ତୁ ଇରାନ୍ ଯେ ସମ୍ପୂର୍ଣ୍ଣ ଦୋଷମୁକ୍ତ , ସେମିତି ବି ଆମେ କହିପାରିବା ନାହିଁ। କାରଣ ଇରାନ୍ ବି ସେମିତି କିଛି କାମ କରିଛି, ଯାହାକୁ ନେଇ ଆମେରିକା ସେଭଳି ଉତ୍ତେଜିତ ଅବସ୍ଥାକୁ ଆସିଯାଇଛି। ଯାହାକୁ ସହଯୋଗ କରୁଛି ଇସ୍ରାଏଲ୍ । ଆମେରିକାର ଇସାରାରେ ନାଚୁଛି ଇସ୍ରାଏଲ୍ ଯେମିତି ଚାଇନାର ଇସାରାରେ ନାଚୁଛି ପାକିସ୍ତାନ। ଚଳିତ ମାସ ଶୁକ୍ରବାଠାରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧରେ ତିନିଟି ଦେଶର ସଂପୃକ୍ତି ରହିଛି। ଗୋଟାଏ ପଟେ ଇସ୍ରାଏଲ୍ ଏବଂ ଆମେରିକା ରହିଥିବା ବେଳେ ଆରପଟେ ରହିଛି କେବଳ ଇରାନ୍ ଯାହାକୁ ସହଯୋଗ କରିବାକୁ ଆଉ କେହି ବି ଆସୁନାହାଁନ୍ତି । ବିଚରା କ'ଣ ବା କରିବ ଏକୁଟିଆ ଇରାନ୍ । ତଥାପି ନିଜର ସ୍ୱାଭିମାନ ରକ୍ଷା ପାଇଁ ଲଢ଼େଇ କରୁଛି ଇରାନ୍। ଆମେରିକା ଉପରେ ପ୍ରତିଷୋଧ ପରାୟଣ ହୋଇ ଇରାନ୍ ଏବେ ଜଳୁଛି।. ପ୍ରତିଶୋଧ ପରାୟଣ ହୋଇ ଇରାନ୍ ଏବେ ରକ୍ତମୁଖା। ତେବେ ଆମେରିକା ଆଗରେ କେତେଦିନ ତିଷ୍ଠିରହିବ ଇରାନ୍ । ମାତ୍ର ଦିନ କେଇଟାରେ ଅ□ା ଭାଙ୍ଗିଯିବ ଇରାନର। ଆମେରିକା ଭଳି ବିଶ୍ୱର କ୍ଷମତାଶାଳୀ ରାଷ୍ଟ୍ର ଆଗରେ ଇରାନ୍ ର ସାମରିକ କ୍ଷମତା ତେତେଦୂର ତିଷ୍ଠିରହିବ । ତେବେ ଇରାନ ଉପରେ ଆମେରିକାର ଏତେ ରାଗ କାହିଁକି ? ଯାହା ପଛରେ ଅବଶ୍ୟ କିଛି କାରଣ ରହିଛି। ଇରାନ୍‌ର ଆଣବିକ ଅସ୍ତ୍ର ପ୍ରସ୍ତୁତିକୁ ଆରମ୍ଭରୁ ଘୋର୍ ବିରୋଧ କରିଆସୁଥିଲା ଆମେରିକା। ହେଲେ ଇରାନ୍ କିନ୍ତୁ ସେମିତି କିଛି ବୁଝିଲାନି। ଇରାନ୍ ଜାରି ରଖିଥିଲା ତା'ର ଆଣବିକ ଯୁଦ୍ଧ ପ୍ରସ୍ତୁତି । ସେଥିନେଇ ଆମେରିକା ଉପରେ ପୂରା ଖପ୍ପା ଥିଲା ଇରାନ । ବାରମ୍ବାର ବାରଣ ଦତ୍ତ୍ୱେ ଇରାନ୍ କିଛି ବି ଶୁଣୁନଥିଲା କି କିଛି ବି ବୁଝୁ ନ ଥିଲା ଇରାନ୍ ବରଂ ଆମେରିକାକୁ ଦେଉଥିଲା ଖୋଲା ଚ୍ୟାଲେଞ୍ଜ। ଆମେରିକା ବି ପୁରୁଣା ଖେଳାଳି। ସେ ବି ଇରାନକୁ ଏକ ସମୁଚିତ ଶିକ୍ଷା ଦେବା ପାଇଁ ବାଟ ଖୋଜୁଥିଲା। ଆଉ ଇସ୍ରାଏଲ୍ ତ ପକ୍କା ବୋଲକରା। ଆମେରିକା କଥାରେ ପରା ବସଉଠ୍ ହେଉଛି ଇସ୍ରାଏଲ। ଆମେରିକାକୁ କୁ ବି ସବୁ ସମୟରେ ସହଯୋଗ କରୁଛି ଇସ୍ରାଏଲ୍ । ଆମେରିକାର ଇସାରାରେ ନାଚୁଛି ଇସ୍ରାଏଲ୍ ଯେମିତି ଚାଇନାର ଇସାରାରେ ନାଚୁଛି ପାକିସ୍ତାନ। ଚଳିତ ମାସ ଶୁକ୍ରବାଠାରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧରେ ତିନିଟି ଦେଶର ସଂପୃକ୍ତି ରହିଛି। ଗୋଟାଏ ପଟେ ଇସ୍ରାଏଲ୍ ଏବଂ ଆମେରିକା ରହିଥିବା ବେଳେ ଆରପଟେ ରହିଛି କେବଳ ଇରାନ୍ ଯାହାକୁ ସହଯୋଗ କରିବାକୁ ଆଉ କେହି ବି ଆସୁନାହାଁନ୍ତି । ବିଚରା କ'ଣ ବା କରିବ ଏକୁଟିଆ ଇରାନ୍ । ତଥାପି ନିଜର ସ୍ୱାଭିମାନ ରକ୍ଷା ପାଇଁ ଲଢ଼େଇ କରୁଛି ଇରାନ୍। ଆମେରିକା ଉପରେ ପ୍ରତିଷୋଧ ପରାୟଣ ହୋଇ ଇରାନ୍ ଏବେ ଜଳୁଛି।. ପ୍ରତିଶୋଧ ପରାୟଣ ହୋଇ ଇରାନ୍ ଏବେ ରକ୍ତମୁଖା। ତେବେ ଆମେରିକା ଆଗରେ କେତେଦିନ ତିଷ୍ଠିରହିବ ଇରାନ। ଅତିରୁ ଅତି ବେଶିରେ ମାତ୍ର ମାସକ ମଧ୍ୟରେ ବରବାଦ ହୋଇଯିବ ଇରାନ୍ । ଇରାନ୍‌ର ସର୍ବୋଚ୍ଚ ଧର୍ମଗୁରୁ ଖମେନେଇ ଆୟାତୋଲ୍ଲାଙ୍କ୍ ମୃତ୍ୟୁପରେ ଏକ ପ୍ରକାର ଭାଙ୍ଗି ପଡ଼ିଛି ଇରାନ୍ । ଏପରିକି ପରବର୍ତ୍ତୀ ସମୟରେ ତୁରନ୍ତ ଇରାନ୍ ପକ୍ଷରୁ ନିଯୁକ୍ତି ପାଇଥିବା ଧର୍ମଗୁରୁ ଆରାଫିଙ୍କୁ ମଧ୍ୟ ଏୟାର ଷ୍ଟ୍ରାଇକ୍ ରେ ମାରି ଦିଆଯିବାର ଆଶଙ୍କା ସୃଷ୍ଟି ହୋଇଗଲାଣି। ଇରାନ୍ ବି ଘନ ଘନ ବୋମାମାଡ଼ କରୁଛି ଇସ୍ରାଏଲ୍ ଉପରେ। ମଧ୍ୟପ୍ରାଚ୍ୟର ଅନ୍ୟାନ୍ୟ ଦେଶର ସାମରିକ ଘାଟି ଉପରେ ଯେଉଁଠାରେ ଆମେରିକା ତା'ର ମିଳିଟାରୀ ବେସ୍ ପ୍ରତିଷ୍ଠା କରିଥିଲା। ଏବେ ରକ୍ତମୁଖା ଇରାନ୍। କେତେବେଳେ ଯେ ସେ କ'ଣ କରିଦେବ ଅବା କେତେବେଳେ ଯେ ସେ କି ନିଷ୍ପତ୍ତି ନେଇଯିବ , ସେ ବି ନିଜେ ଜାରିପନାରୁନି। ଏବେ ପୁଣି ବ୍ରିଟେନ୍ , ଫ୍ରାନ୍ସ ଏବଂ ଜର୍ମାନୀ ଭଳି ଯୁଦ୍ଧଖୋର ଦେଶ ଇରାନ୍ ବିରୋଧରେ ନିଜକୁ ପ୍ରସ୍ତୁତ କଲେଣି ଚ଼ ଅଥଚ ଇରାନ୍ ସପ'ରେ କେହି ବି ଜଣେ ସହଯୋଗର ହାତ ବଢ଼ାଉନାହାଁନ୍ତି। ତଥାପି ଇରାନ୍ କିନ୍ତୁ ନଛୋଡ଼ବନ୍ଧା। ଆମେରିକା ଉପରେ ପ୍ରତିଶୋଧ ନେବା ପାଇଁ ସେ ନିଜକୁ ଅଧିକ ଉଗ୍ର ରୂପେ ପ୍ରସ୍ତୁତ କରୁଛି। ଆଗକୁ ସମୟ କହିବ ଏଭଳି ଯୁଦ୍ଧର ଶେଷ ପରିଣତି ବିଷୟରେ । ତେବେ ଆଗାମୀ ସମୟରେ ମଧ୍ୟପ୍ରାଚ୍ୟ କିନ୍ତୁ ଅଶାନ୍ତ ହୋଇପଡ଼ିବ ଆହୁରି। ସେଥିପ୍ରତି ଭାରତ ମଧ୍ୟ ସତର୍କ ରହିବା ଜରୁରୀ।

# ପାର୍ଥକ୍ୟ

ଜଣକର କେବଳ ଗୋଟାଏ ପୁଅ। ସେତେବେଳେ ସମାଜରେ ସେତେ ଅଗ୍ରଗତି ଘଟିନଥିଲା କି ସମାଜ ସେତେ ଉନ୍ନତ ପଥରେ ଯାଇନଥିଲା। ଟିକିଏ ପୁରୁଣା କାଳର କଥା। ଯେତେବେଳେ ବିଜ୍ଞାନ ବି ସେତେ ଅଗ୍ରଗତି କରିନଥିଲା। ସେତେବେଳେ ବି ଲୋକେ ପାଠ ପଢ଼ିବା ବିଷୟରେ ଅଳ୍ପ ବହୁତ ଜାଣିଥିଲେ। ହେଲେ ଲୋକଟା କିନ୍ତୁ ବେଶି ପାଠଶାଠ ପଢ଼ି ପାରିନଥିଲା। ତଥାପି ସେ ତା'ର ପୁଅଟାକୁ କିନ୍ତୁ ମଣିଷ କରିବାରେ ସଫଳ ହୋଇଥିଲା। ନିଜେ ନ ପଢ଼ିଲେ କ'ଣ ହେଲା, ନିଜର ପିଲାଟାକୁ କିନ୍ତୁ ଭଲଭାବେ ପାଠ ପଢ଼ାଇବାରେ ସକ୍ଷମ ହୋଇଥିଲା। ନିଜର ପିଲାଟାକୁ କିନ୍ତୁ ଭଲ ମଣିଷ କରିବାରେ ସଫଳ ହୋଇଥିଲା। ସେପାଇଁ ସେ ତା' ଜୀବନରେ ବହୁତ ପରିଶ୍ରମ କରିଥିଲା। ବହୁତ ଶ୍ରମ ସ୍ୱୀକାର କରି ସେ ତା'ର ଏକମାତ୍ର ପୁଅକୁ ଗୋଟାଏ ଭଲ ମଣିଷ କରି ଗଢ଼ି ତୋଳିବାରେ କିନ୍ତୁ ଶେଷରେ ସକ୍ଷମ ହୋଇଥିଲା। ହେଲେ କି ହେବ? ସବୁ କିଛି ଗୋଳମାଳ ହୋଇଗଲା।ସବୁକିଛି ଓଲଟପାଲଟ ହୋଇଗଲା। ପୁଅଟା ପାଠଶାଠ ପଢ଼ି ମଣିଷ ତ ହୋଇଗଲା ହେଲେ ମଝିରେ ମଝିରେ କିଛି ଫେକଚାମି ପ୍ରଦର୍ଶନ କରୁଥିଲା ଯାହାର ପରିଣାମ କେବଳ ତା'ର ବାପାକୁ ନୁହେଁ ପୂରା ପରିବାରକୁ ଭୋଗିବାକୁ ପଡ଼ିଲା। ହେଲେ କି ହେବ ? ପୁଅଟା ତ ଜନମ ଦେଇଛି ଯେତେବେଳେ, କି କରିବ ସେ ? ପୁଅଟାକୁ ତ ବାହା ଦେବାକୁ ପଡ଼ିବ। ଯେମିତି ହେଲେ ବି ପୁଅଟାକୁ ତ ବାହାଦେବାକୁ ପଡ଼ିବ। ପାଠଶାଠ ପଢ଼ି ପୁଅ ତ ବଡ଼ ମଣିଷ ହୋଇଗଲା। ହେଲେ ପାଠଶାଠ ପଢ଼ି ପୁଅ ଭଲ ମଣିଷ କିନ୍ତୁ ହୋଇପାରିଲା ନାହିଁ। ଥରେ ବାପା ମୁହଁରେ ଓଲଟାଇ ଦି ପଦ କଥା କହିଦେଲା ସେ । ବଡ଼ ହେଲାଣି ଯେତେବେଳେ, ସେତେବେଳେ କଥା ତ କହିବ ହେଲେ ବାପା ମୁହଁରେ ଓଲଟାଇ କହିବାର କିନ୍ତୁ ସେଭଳି ପୁଅର ସାହସ ଦେଖି ବାପା ବି କିଛି ସମୟ ପାଇଁ ଚୁପ୍ ହୋଇଗଲେ। ତେବେ କିଛି ସମୟର ନୀରବତା ଭଙ୍ଗକରି ବାପା ପୁଣି ତାଙ୍କ ପୁଅକୁ ଯେବେ ପଚାରନ୍ତେ କି ବାପା ମୁହଁରେ ପୁଅର ଏମିତି ଓଲଟାଇ କହିବା ପଛରେ କାରଣ କ'ଣ ହୋଇପାରେ ? ଇଏ ବି ଗୋଟାଏ ପାଠ, ଯେବେ କି ପୁଅର ଉତ୍ତର କିଛି ଏହିଭଳି ଥିଲା। ପୁଅର ମୁହଁରୁ କିଛି ଏମିତି ଉତ୍ତର ଶୁଣି ବାପା ବି କିଛି ସମୟ ପାଇଁ ନୀରବ ହୋଇଗଲେ। ଭାବିଲେ ଏଇଟା ବି ସେହି ପାଠର ନିୟମ ଭିତରେ ଥାଇପାରେ କି ? ଏମିତି କିଛି ଭାବି କିଛି ସମୟ ପାଇଁ ନୀରବିଗଲେ ବାପା। ମନେ ମନେ ଭାବୁଥାଲେ ପାଠୁଆ ଏବଂ ଅପାଠୁଆ ଭିତରେ ଫରକ୍ ଏମିତି ବି ଫରକ୍ ହୋଇପାରେ ! ଫରକ୍ ତ ରହିବ ନିଶ୍ଚୟ। ତେବେ କେଉଁ ପରିସ୍ଥିତିରେ କିଏ କିଭଳି ହେବ ?

# ନିଆରା ଜନନାୟକ ବିଜୁପଟ୍ଟନାୟକ

## ହିମାଂଶୁ ଶେଖର ଆଚାର୍ଯ୍ୟ



ବ୍ୟକ୍ତି ସମକାଳର, ବ୍ୟକ୍ତିତ୍ୱ ଚିରକାଳର। ଆଦର୍ଶ ବ୍ୟକ୍ତିତ୍ୱର ମହକ ବିଚ୍ଛୁରିତ ହୋଇ ପଡ଼େ ସମାଜରୁ ରାଷ୍ଟ୍ରକୁ। ଏମିତି ଏକ କାଳଜୟୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବିଜୟାନନ୍ଦ ପଟ୍ଟନାୟକ – ସବୁରି ପ୍ରିୟ ବିଜୁ ପଟ୍ଟନାୟକ। ତାଙ୍କର ଜନ୍ମ ୧୯୧୬ମସିହା ମାର୍ଚ୍ଚ ୫ତାରିଖରେ କଟକ ତୁଳସୀପୁରସ୍ଥ ପୈତୃକ ବାସଭବନ ଆନନ୍ଦ ଭବନରେ ହୋଇଥିଲା। ବାଲ୍ୟକାଳରୁ ସେ ପ୍ରବଳ ସ୍ୱପ୍ନ ବିଳାସୀ ଥିଲେ ଓ ପ୍ରାଚୀନ କଳିଙ୍ଗର ହୃତ ଗୌରବ ଫେରାଇ ଆଣିବା ପାଇଁ ଦୃଢ଼ ପ୍ରତିଜ୍ଞ ଥିଲେ। କେବଳ ସେତିକି ନୁହେଁ ଚିନ୍ତାଥିଲା ତାଙ୍କର ସୁଦୂରପ୍ରସାରୀ ଓ କଳ୍ପନା ଥିଲା ଅସାଧାରଣ। ଥରେ ସେ ଯାହା ଚିନ୍ତା କରୁଥିଲେ ତାକୁ ଅକ୍ଷରେ ଅକ୍ଷରେ ପାଳନ କରିବା ପାଇଁ ନିଷ୍ଠାପର ଉଦ୍ୟମ କରୁଥିଲେ। ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ।

ବିଜୁପଟ୍ଟନାୟକ ଏକାଧାରରେ ଥିଲେ ଜଣେ ବିଶିଷ୍ଟ ରାଜନୀତିଜ୍ଞ, ଦୁଃସାହସିକ ବୈମାନିକ, ଦୂରଦର୍ଶୀ ଶିଳ୍ପପତି, ଉଚ୍ଚକୋଟୀର କ୍ରୀଡାବିତ୍, ଦକ୍ଷକ୍ରୀଡା ସଙ୍ଗଠକ, ଦେଶଭକ୍ତ ସଂଗ୍ରାମୀ, ଓଡିଶା ଏବଂ ଭାରତର ଜଣେ ଅଦ୍ୱିତୀୟ ନେତା। ଜୀବନ ସଂଗ୍ରାମରେ ସେ କେବେ ଭାଙ୍ଗିପଡୁ ନଥିଲେ ଜୟ-ପରାଜୟ ଭିତରେ ଓ ସବୁକୁ ଖେଳୁଆଡ ମନୋଭାବରେ ଗ୍ରହଣ କରୁଥିଲେ। ସେ କଦାପି ଏଣୁ ତେଣୁ କଥା କହୁନଥିଲେ। ଯାହା ସେ ଥରେ ଚିନ୍ତା କରୁଥିଲେ , ତାକୁ କାମରେ କରି ଦେଖାଉଥିଲେ। ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ। ବିଜୁ ପଟ୍ଟନାୟକ – କାହିଁ କେହିତ କୁହନ୍ତି ନାହିଁ ବିଜୟାନନ୍ଦ ପଟ୍ଟନାୟକ। ଏତେ ଲୋକପ୍ରିୟତା କାହିଁକି ଏହି ନାଁରେ। ନାଁଟିକୁ କହିଦେଲେ ମନରେ ହୃତ୍‌କମ୍ପ ସୃଷ୍ଟି ହୁଏ। ବଙ୍କିମ୍ ଚନ୍ଦ୍ରଙ୍କ 'ବନ୍ଦେମାତରଂ', ସୁଭାଷ ବୋଷଙ୍କ 'ଜୟହିନ୍ଦ', କହିବା ପରି ଏକ ସ୍ୱରରେ ବିଜୁ ପଟ୍ଟନାୟକ ନାଁଟି କହିଦେଲେ ମନରେ କାହିଁକି ଉନ୍ମାଦନା ଆସେ। ସତେ ଯେମିତି ଓଡ଼ିଆ ସହିତ ବିଜୁ ପଟ୍ଟନାୟକ ଓ ବିଜୁ ପଟ୍ଟନାୟକଙ୍କ ସହିତ ଓଡ଼ିଆ ଏକାକାର ହୋଇଯାଇଛନ୍ତି। ଖାଲି ସେତିକି ନୁହେଁ, କେହି କେହି ତାଙ୍କୁ ପ୍ରବାଦ ପୁରୁଷ, ମାଟିର ମୂର୍ତ୍ତିକାର, କଳିଙ୍ଗ ବୀର ଓ ଝଡ଼ର ଇଗଲ ବୋଲି କହିଥାନ୍ତି।

ରାଜନୀତି କ୍ଷେତ୍ରରେ ବିଜୁପଟ୍ଟନାୟକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ୧୯୪୭ ରୁ ୧୯୯୭ ପର୍ଯ୍ୟନ୍ତ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସେ ଓଡିଶାର ତଥା ବିଭିନ୍ନ ସମୟରେ ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୬୧ରୁ ୧୯୬୩ ମସିହା ପର୍ଯ୍ୟନ୍ତ ସେ ଓଡିଶାର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରି ଆରମ୍ଭ କରିଥିଲେ ନିର୍ମାଣ ଯୁଗ। ପାରାଦ୍ୱୀପ ବନ୍ଦର ଏକ୍ସପ୍ରେସ୍ ହାଇୱେ, ସୁନାବେଡା ମିଗ୍ ବିମାନ କାରଖାନା, ବାଲିମେଳା ଡ୍ୟାମ ଓ ବରଗଡ ସିମେଣ୍ଟ କାରଖାନା ନିର୍ମାଣ କରି ସେ ନବ ଓଡ଼ିଶାର ଗଠନ ପ୍ରକ୍ରିୟା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ସହଯୋଗରେ ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ରାଉରକେଲା ଇଞ୍ଜିନିୟରିଙ୍ଗ କଲେଜ, ସୈନିକ ସ୍କୁଲ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଓ ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇ ଓଡ଼ିଶାରେ ବୈଷୟିକ ଓ ଯାନ୍ତ୍ରିକଶିକ୍ଷା କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ହୋଇଥିଲା। ୧୯୯୦ ରୁ ୧୯୯୫ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ବେଳେ ସେ ଆରମ୍ଭ କରିଥିଲେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା। ପ୍ରଶାସନକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସେ ୧୩ ଟି ଜିଲ୍ଲାକୁ ୩୦ଟି ଜିଲ୍ଲାରେ ପରିଣତ କରିଥିଲେ। ଏହା ତାଙ୍କ ପାରିବାପଣିଆର ଏକ ନମୁନା ଥିଲା। ଏପରିକି ମୁଖ୍ୟମନ୍ତ୍ରୀ ଥିବା ବେଳେ ଏକ ଟଙ୍କା ଦରମା ନେଇ ସେ ନିଆରା ବ୍ୟକ୍ତିତ୍ୱର ପ୍ରମାଣ ଦେଇଥିଲେ। ପୁଣି ରିକ୍ସାରେ ବସି ବା କେବେ ସାଇକେଲ ଚଢ଼ି ସେ ସଚିବାଳୟକୁ ଆସି ଭିନ୍ନ ଏକ ଉଦାହରଣ ସୃଷ୍ଟି କରିଥିଲେ।

ବିଜୁପଟ୍ଟନାୟକ ଜଣେ ଦକ୍ଷ ଓ ଦୁଃସାହସିକ ବୈମାନିକ ଥିଲେ।ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଅନୁରୋଧ କ୍ରମେ ନିଜ ଜୀବନକୁ ପାଣି ଛଡାଇ ଡଚ୍ ସେନାବାହିନୀ ଦ୍ୱାରା କବଳିତ ଇଣ୍ଡୋନେସିଆର ତତ୍କାଳୀନ ରାଷ୍ଟ୍ରପତି ସୁକର୍ଣ୍ଣ, ପ୍ରଧାନମନ୍ତ୍ରୀ ଶାହାରିଆର ଓ ଉପ-ରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ଦିଲ୍ଲୀକୁ ବିମାନ ଯୋଗେ ନେଇ ଆସିଥିଲେ। ନିଜର କୃତଜ୍ଞତା ଜଣାଇବାକୁ ଯାଇ ରାଷ୍ଟ୍ରପତି ସୁକର୍ଣ୍ଣ ତାଙ୍କୁ ପ୍ରାୟ ୫୦୦କୋଟି ଟଙ୍କାର ଉପହାର ପ୍ରଦାନ କରିଥିଲେ । ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ଭୂମିପୁତ୍ର ଉପାଧି ମଧ୍ୟ ତାଙ୍କୁ ମିଳିଥିଲା । ମାତ୍ର ସେହି ସବୁ ଉପହାର ଫେରାଇ ଦେଇଥିଲେ ସେ ଏବଂ କହିଥିଲେ ଭାରତୀୟ କିଛି ନିଏ ନାହିଁ । ସତରେ ଏପରି ବଦାନ୍ୟତା ପୃଥିବୀ ଇତିହାସରେ ବିରଳ । ତାଙ୍କର ଏହି କାମ ପାଇଁ ଇଣ୍ଡୋନେସିଆ ନିକଟରେ ଭାରତ ମହାନ ହୋଇ ରହିଲା।

ଛାତ୍ର ଅବସ୍ଥାରେ କଟକରୁ ପେଶୱାର ସାଇକେଲରେ ଯିବା, ପୋଲିସ୍ କର୍ଡନ୍ ଭାଙ୍ଗି ଗାନ୍ଧୀଙ୍କୁ ଦେଖିବାପାଇଁ ଯିବାବେଳେ ପୋଲିସ ଏସ୍.ପି.ହାରଗ୍ରୀଭ୍‌ଙ୍କଠାରୁ ଲାଠିମାଡ ଖାଇବା ଘଟଣା ତାଙ୍କ ଦୁଃସାହସିକତାର ନମୁନା ମାତ୍ର। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବଡଲାଟ୍ ୱାଭେଲ୍‌ଙ୍କ ପାଇଲଟ୍ ଥାଇ ସୁଦ୍ଧା ପୋଲିସ ଆଖିରେ ଧୂଳି ଦେଇ ଜୟପ୍ରକାଶ ନାରାୟଣ , ଅରୁଣା ଆଶଫ୍‌ଅଲ୍ଲୀ ଓ ରାମମନୋହର ଲୋହିଆଙ୍କୁ ନିରାପଦ ସ୍ଥାନରେ ପହଞ୍ଚାଇବା ତାଙ୍କ ଦୁଃସାହସିକତାର ଆଉ ଏକ ପରିଚୟ।ଏଥିପାଇଁ ତାଙ୍କୁ କାରାବରଣ କରିବାକୁ ପଡିଛି ସତ ମାତ୍ର ଦେଶପାଇଁ ହସି ହସି କାରବରଣ କରିଛନ୍ତି ସେ । ସେହିପରି ୧୯୬୨ ରେ ଚୀନ୍ ଭାରତ ଆକ୍ରମଣ କରିବା ସମୟରେ ସେନାମାନଙ୍କୁ ସହାୟତା କରିବାରେ ତାଙ୍କର ଅବଦାନକୁ ଅସ୍ୱୀକାର କରାଯାଇନପାରେ ।

ଜଣେ ଓଡିଆ ଭାବେ ନିଜକୁ ପରିଚୟ ଦେଇ ସେ ଗର୍ବ ଅନୁଭବ କରିଥିଲେ । ସେ ଜାଣିଥିଲେ –କଳିଙ୍ଗାଃ ସାହସିକାଃ। ସେଥିପାଇଁ ସେ କଳିଙ୍ଗ ଏୟାରଲାଇନ୍‌ସ, କଳିଙ୍ଗ ଟାଇଲ୍‌ସ ଓ କଳିଙ୍ଗପୁରସ୍କାର ଆଦି ପ୍ରତିଷ୍ଠା କରିଥିଲେ ।ଏହି କଳିଙ୍ଗ ପୁରସ୍କାର ଓଡିଶାକୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲେ । ବାସ୍ତବିକ୍ ମଧୁବାବୁଙ୍କ ପରେ ଓଡିଆର ଟେକ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବାରେ ସେ ହିଁ ଥିଲେ ଦ୍ୱିତୀୟ ବ୍ୟକ୍ତି ।ଜୀବନ ଦୀପ ନିର୍ବାପିତ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକ କେବଳ ଓଡିଆଙ୍କ କଥା ଚିନ୍ତା କରୁଥିଲେ। ଯୁବପିଢିଙ୍କୁ ସେ ସର୍ବଦା କହୁଥିଲେ-ଗୋଲାମୀ ନକରି ସ୍ୱାଧୀନ ହୁଅ ।ନିଜ ଗୋଡରେ ନିଜେ ଛିଡା ହୁଅ, ଅନ୍ୟପାଖରେ ହାତ ପତାଅ ନାହିଁ।ଓଡିଆ ପୁଅର ବୀରତ୍ୱ ବଜାୟ ରଖ, ଓଡିଆର ସୁନାମ ରଖ, ଅଯଥାରେ ସମୟ ନଷ୍ଟକରନା, ଦେଶ କଥାଭାବ, ଦେଶ ପାଇଁ କାମ କରିବାକୁ ଆଗେଇ ଆସ।

ଏତଦ୍ ବ୍ୟତୀତ ବିଜୁ ପଟ୍ଟନାୟକ ଥିଲେ ଜଣେ ଉଚ୍ଚକୋଟୀର କ୍ରୀଡାବିତ୍ ଓ ଦକ୍ଷ ସଂଗଠକ।ତାଙ୍କ ବଳିଷ୍ଠ ଓ ସୁଠାମ ଚେହେରା ଥିଲା ଈଶ୍ୱର ଦତ୍ତ। ୧୯୩୦ ଦଶକରେ ସେ ଓଡିଶାର ଖ୍ୟାତନାମା ଫୁଟବଲ ଖେଳାଳୀ ମଧ୍ୟରେ ଜଣେ ଥିଲେ। ଯାହାଫଳରେ ସେ ରେଭେନ୍‌ସା-ବ୍ଲୁ ଦୁଇ ଥର ପାଇବାରେ ସକ୍ଷମ ହୋଇଥିଲେ। ଏପରିକି ପୋଲଭୋଲ୍ଟରେ ସେ ସମୟରେ ସର୍ବଶ୍ରେଷ୍ଠ କ୍ରୀଡାବିତ୍ ଥିଲେ। ଫୁଟବଲ ଖେଳପ୍ରତି ତାଙ୍କର ଅତିଶୟ ମୋହର ଅନ୍ୟ ଏକ ଉଦାହରଣ ୧୯୬୧-୬୨ ରେ କଟକରେ ପ୍ରଥମ ସର୍ବଭାରତୀୟ କଳିଙ୍ଗ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍ ସେ ଆରମ୍ଭ କରିଥିଲେ । କେବଳ ସେତିକି ନୁହେଁ ଓଡିଶାରୁ ପ୍ରଥମ ବ୍ୟକ୍ତି ଭାବେ ୧୯୬୪ ମସିହାରେ ବିଜୁ ପଟ୍ଟନାୟକ ଭାରତର ବାସ୍କେଟବଲ୍ ସଂଘର ସଭାପତି ପଦ ମଣ୍ଡନ କରିଥିଲେ।ଏଥିସହିତ ଆଜି ରାଜ୍ୟ ମହିଳା ଫୁଟବଲ ଦଳ ସଫଳତାର ଯେଉଁ ଶୀର୍ଷରେ ପହଞ୍ଚିଛି ତାହା ପଛରେ ରହିଛି ତାଙ୍କ ପ୍ରଚେଷ୍ଟାର ଫଳଶ୍ରୁତି।

ଏହି ପ୍ରବାଦପୁରୁଷଙ୍କ ଦେହାବସାନ ହେଲା ୧୯୯୭ ମସିହା ଏପ୍ରିଲ ୧୭ ତାରିଖରେ। କେବଳ ଆମ ରାଜ୍ୟ ନୁହେଁ, "ଇଣ୍ଡିଆ ଟୁ ଇଣ୍ଡୋନେସିଆ" ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟ କୁଶଳତା ପରିବ୍ୟାପ୍ତ ଥିଲା। ୧୯୯୭ ମସିହା ଏପ୍ରିଲ ୧୭ ତାରିଖ ଓଡ଼ିଶା ନୁହେଁ ସମଗ୍ର ଭାରତ ବର୍ଷକୁ ଶୋକାସ୍ୱାଶରେ ଭରିଦେଇଥିଲା ତାଙ୍କରି ବିୟୋଗ। ସତରେ ସେ ଥିଲେ ଜଣେ ନିଆରା ଜନନାୟକ।

ଜଗତସିଂହପୁର
ମୋ : ୯୩୩୭୨୨୧୯୨୪

# 'ଇରାନ୍ ଇସ୍ରାଏଲ ଯୁଦ୍ଧ ତୃତୀୟ ବିଶ୍ୱଯୁଦ୍ଧର ପ୍ରାରମ୍ଭ'

## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ପରେ ସମଗ୍ର ବିଶ୍ୱରେ ହଇଚଇ ସୃଷ୍ଟି ହୋଇଥିଲା। ଏହା ପରେ ବିଶ୍ୱର ସମସ୍ତ ଦେଶ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏଥିରେ ଅନେକ ଦେଶ ସିଧାସଳଖ ଇସ୍ରାଏଲ ଏବଂ ଇରାନକୁ ସମର୍ଥନ କରିଛନ୍ତି। ସେହି ସମୟରେ ଅନେକ ଦେଶ ଏକ ନିରପେକ୍ଷ ସ୍ଥିତି ରଖିଛନ୍ତି। ପ୍ରକାଶ ଥାଉ ଯେ, ଇସ୍ରାଏଲକୁ ସମର୍ଥନ କରିଥିବା ଦେଶଗୁଡ଼ିକ ହେଉଛନ୍ତି ଆମେରିକା, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ସ୍ୱିଡେନ, ଚେକ୍ ଗଣରାଜ୍ୟ, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ ଅନ୍ତର୍ଭୁକ୍ତ। ଇସ୍ରାଏଲ ବିରୁଦ୍ଧରେ ଇରାନକୁ ସମର୍ଥନ କରିଥିବା ଦେଶଗୁଡ଼ିକ ମଧ୍ୟରେ ରୁଷ, ଚୀନ୍, ମିଶର, ତୁର୍କୀ, ପାକିସ୍ତାନ, ଇଣ୍ଡୋନେସିଆ, ଇରାକ, ଓମାନ, ସାଉଦି ଆରବ, କତାର, ସଂଯୁକ୍ତ ଆରବ ଏମିରେଟ୍ସ, ଲେବାନନ୍, ଜୋର୍ଡାନ, ହୁଥି, ହମାସ, ଆଫଗାନିସ୍ତାନ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ଯେଉଁମାନେ ଉଭୟ ଦେଶକୁ ସଂଘର୍ଷ ହ୍ରାସ କରିବାକୁ ନିବେଦନ କରିଛନ୍ତି ସେମାନଙ୍କ ମଧ୍ୟରେ ମିଳିତ ଜାତିସଂଘ, ଭାରତ, ଜାପାନ, ଆୟର୍ଲ୍ୟାଣ୍ଡ, ଆଫ୍ରିକୀୟ ସଂଘ, ୟୁରୋପୀୟ ସଂଘ, ଇଟାଲୀ ଅନ୍ତର୍ଭୁକ୍ତ। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ସଂଘର୍ଷ ବିଷୟରେ ବିଶ୍ୱର ସମସ୍ତ ଗୋଷ୍ଠୀ ବହୁତ ଚିନ୍ତିତ। ସଂଯୁକ୍ତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସଂଘର୍ଷ ଏଡାଇବା ପାଇଁ ସଂଯମତା ରଖିବାକୁ ଆହ୍ୱାନ ଦେଇଛନ୍ତି। ଗୁଟେରେସଙ୍କ ମୁଖପାତ୍ର ଫରହାନ୍ ହକ୍ କହିଛନ୍ତି, "ମଧ୍ୟପ୍ରାଚ୍ୟରେ ଯେକୌଣସି ସାମରିକ ବୃଦ୍ଧିକୁ ମହାସଚିବ ନିନ୍ଦା କରନ୍ତି।" ଇରାନର ପରମାଣୁ କାର୍ଯ୍ୟକ୍ରମର ସ୍ଥିତି ଉପରେ ଇରାନ ଏବଂ ଆମେରିକା ମଧ୍ୟରେ ଆଲୋଚନା ଚାଲିଥିବା ବେଳେ ସେ ଇରାନର ପରମାଣୁ ପ୍ରତିଷ୍ଠାନ ଉପରେ ଇସ୍ରାଏଲର ଆକ୍ରମଣ ବିଷୟରେ ବିଶେଷ ଚିନ୍ତିତ। ଜାତିସଂଘର ପରମାଣୁ ପ୍ରତ୍ୟକ୍ଷଦର୍ଶୀ ରାଫେଲ୍ ଗ୍ରୋସି କହିଛନ୍ତି ଯେ ପରମାଣୁ ପ୍ରତିଷ୍ଠାନ ଉପରେ କେବେବି ଆକ୍ରମଣ କରାଯିବା ଉଚିତ୍ ନୁହେଁ" ଏବଂ ଇରାନ ଉପରେ ଇସ୍ରାଏଲର ଆକ୍ରମଣ ପରେ ଆହୁରି ଉତ୍ତେଜନାକୁ ଏଡାଇବା ପାଇଁ ସମସ୍ତ ପକ୍ଷଙ୍କୁ ସର୍ବାଧିକ ସଂଯମତା ଅବଲମ୍ବନ କରିବାକୁ ଆହ୍ୱାନ କରିଛନ୍ତି। ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଓଇଏଇ)ର ମୁଖ୍ୟ ଗ୍ରୋସି ବୋର୍ଡ ସଦସ୍ୟମାନଙ୍କୁ ଏକ ବିବୃତ୍ତିରେ କହିଛନ୍ତି ଯେ, "ଏହି ଘଟଣା ଅତ୍ୟନ୍ତ ଚିନ୍ତାଜନକ... ପରମାଣୁ ପ୍ରତିଷ୍ଠାନର ସୁରକ୍ଷା ଏବଂ ସୁରକ୍ଷାକୁ ବିପଦରେ ପକାଇଥିବା ଯେକୌଣସି ସାମରିକ କାର୍ଯ୍ୟାନୁଷ୍ଠାନ ଇରାନ ଏବଂ ବାହାରେ ଲୋକଙ୍କ ପାଇଁ ଗମ୍ଭୀର ପରିଣାମ ଆଣିପାରେ। ନାଟୋ ମହାସଚିବ ମାର୍କ ରୁଟ୍ କହିଛନ୍ତି ଯେ, ଇସ୍ରାଏଲର ସହଯୋଗୀମାନେ ଉତ୍ତେଜନା ହ୍ରାସ କରିବା ପାଇଁ କାମ କରିବା ଗୁରୁତ୍ୱପୂର୍ଣ୍ଣ। "ମୁଁ ଭାବୁଛି ଯେ, ଆମେରିକା ସମେତ ଅନେକ ସହଯୋଗୀଙ୍କ ପାଇଁ ଉତ୍ତେଜନା ହ୍ରାସ କରିବା ପାଇଁ କାମ କରିବା ଏବେ ଗୁରୁତ୍ୱପୂର୍ଣ୍ଣ।" "ମୁଁ ଜାଣିଛି ସେମାନେ ଏପରି କରୁଛନ୍ତି," ରୁଟ୍ ଷ୍ଟକହୋମରେ ଏକ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକମାନଙ୍କୁ କହିଥିଲେ। ରୁଟ୍ କହିଛନ୍ତି ଯେ, "ଏହା ଇସ୍ରାଏଲ ପକ୍ଷରୁ ଏକ ଏକପାଖିଆ କାର୍ଯ୍ୟାନୁଷ୍ଠାନ ଥିଲା।"

ତେବେ ଏସବୁ ଭିତରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ କାହିଁକି ଯୁଦ୍ଧ ହେଉଛି ? କାହିଁକି ଏହି ଅପରେସନର ନାଁ "ସିଲ୍ଡ ଅଫ୍ ଜୁଡା" ରଖିଲା ଇସ୍ରାଏଲ୍ ? ଆସନ୍ତୁ ଜାଣିବା ଏ ବିଷୟରେ...। ଜୁନ୍ ୨୦୨୫ରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ବିବାଦ ପରେ ଇସ୍ରାଏଲ ଇରାନର ପରମାଣୁ କେନ୍ଦ୍ରଗୁଡ଼ିକୁ ଧ୍ୱଂସ କରିଥିଲା। ଇସ୍ରାଏଲ ଅପରେସନ୍ ରାଇଜିଂ ଲାୟନ ଆରମ୍ଭ କରିଥିଲା । ଏହା ଏକ ସାମରିକ ଅଭିଯାନ ଥିଲା । ଯାହାକୁ ପରବର୍ତ୍ତୀ ସମୟରେ ଅପରେସନ୍ "ସିଲ୍ଡ ଅଫ୍ ଜୁଡା" ନାମରେ ନାମିତ କରାଯାଇଛି। ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଦୀର୍ଘକାଳୀନ ଉତ୍ତେଜନା ଏବଂ ଆଦର୍ଶଗତ ପାର୍ଥକ୍ୟରୁ ସୃଷ୍ଟି ହୋଇଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ୧୯୭୯ ଇସଲାମିକ୍ ବିପ୍ଳବ ପରଠାରୁ ଇରାନ ଇସ୍ରାଏଲକୁ ଶତ୍ରୁ ବୋଲି ଭାବୁଛି। ଇରାନ ଖୋଲାଖୋଲି ଭାବରେ ପାଲେଷ୍ଟାଇନକୁ ସମର୍ଥନ କରେ ଏବଂ ଇସ୍ରାଏଲ ପ୍ରତି ଶତ୍ରୁ ସଂଗଠନଗୁଡ଼ିକୁ ସମର୍ଥନ କରେ, ଯାହାକୁ ଇସ୍ରାଏଲ ଆତଙ୍କବାଦୀ ସଂଗଠନ ବୋଲି ବିବେଚନା କରେ। ଅତୀତରେ, ଇରାନ ଗୃହଯୁଦ୍ଧ ସମୟରେ ସିରିଆରେ ତାର ସାମରିକ ଉପସ୍ଥିତି ବୃଦ୍ଧି କରିଥିଲା। ଏହା ପରେ, ଇସ୍ରାଏଲ ବାରମ୍ବାର ସିରିଆର ଇରାନୀ ଘାଟି ଉପରେ ବିମାନ ଆକ୍ରମଣ କରିଥିଲା। ଏହି ସମସ୍ତ କାରଣ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧର କାରଣ ହୋଇଛି।ଇସ୍ରାଏଲ ଏହି ସାମରିକ ଅଭିଯାନକୁ "ଅପରେସନ୍ ସିଲ୍ଡ ଅଫ୍ ଜୁଡା" ନାମ ଦେଇଛି। ଇସ୍ରାଏଲ ୩୦ଟି ଇରାନୀ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିଛି। ରିପୋର୍ଟ ଅନୁଯାୟୀ, ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲି ଖାମେନି ଏବଂ ଇରାନୀ ଗୁପ୍ତଚର ମୁଖ୍ୟାଳୟ ମଧ୍ୟ ଏହି ଲକ୍ଷ୍ୟସ୍ଥଳରେ ଅନ୍ତର୍ଭୁକ୍ତ। ଏହି ଆକ୍ରମଣ ପରେ ପ୍ରତିଶୋଧ ନେବା ପାଇଁ ଇରାନର ଉଦ୍ଦେଶ୍ୟ ବିଶ୍ୱବ୍ୟାପୀ ଚିନ୍ତା ସୃଷ୍ଟି କରିଛି।

ଏହା ଭିତରେ ଇରାନ ଏକ ବିସ୍ଫୋରଣ ଓ ମହତ୍ୱପୂର୍ଣ୍ଣ କଥା କହିଛି। ଭାରତ, ଚୀନ୍ ଓ ରୁଷର ବିକାଶକୁ ବନ୍ଦ କରିବା ପାଇଁ ଆମେରିକା ଜାଣିଶୁଣି ବିଶ୍ୱ ବିବାଦକୁ ପ୍ରୋତ୍ସାହିତ କରୁଥିବା ଇରାନ ବଡ଼ ଅଭିଯୋଗ କରିଛି । ଶାନ୍ତି ପାଇଁ ନିଜର ଇଚ୍ଛା ପ୍ରକାଶ କରି, ତେହେରାନ ସମ୍ମାନଜନକ ଭାବରେ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଛି କିନ୍ତୁ ଭବିଷ୍ୟତର ବିପଦ ବିଷୟରେ ମଧ୍ୟ ଚେତାବନୀ ଦେଇଛି। ଇରାନର ସର୍ବୋଚ୍ଚ ନେତାଙ୍କ ପ୍ରତିନିଧିଙ୍କ ଅନୁଯାୟୀ, ଆମେରିକା ଚାହୁଁନାହିଁ ଯେ ବିଶ୍ୱ ବହୁଧ୍ରୁବୀୟ ହେଉ ଅବା ଅନ୍ୟ କୌଣସି ଦେଶ ୱାସିଂଟନର ସମାନ ଅଂଶୀଦାର ହେଉ। ଇରାନ ଏଭଳି ଅଭିଯୋଗ ଏପରି ଏକ ସମୟରେ ଆଣିଛି ଯେତେବେଳେ ଇସ୍ରାଏଲୀ ଓ ଆମେରିକୀୟ ଆକ୍ରମଣ ମଧ୍ୟପ୍ରାଚ୍ୟରେ ବ୍ୟାପକ ଧ୍ୱଂସ ଘଟାଇଛି ତଥା ଉତ୍ତେଜନା ଶୀର୍ଷରେ ପହଞ୍ଚିଛି। ଇରାନର ସର୍ବୋଚ୍ଚ ନେତାଙ୍କ ପ୍ରତିନିଧି ଅବଦୁଲ ମାଜିଦ ହାକିମ ଏଲାହି କହିଛନ୍ତି ଯେ, ଆମେରିକାର ପ୍ରକୃତ ଟାର୍ଗେଟ କେବଳ ଇରାନ ନୁହେଁ ବରଂ ଉଦୀୟମାନ ଶକ୍ତି। ସେ ଦାବି କରିଛନ୍ତି, ୱାଶିଂଟନ ଚାହୁଁନାହିଁ ଭାରତ ଏବଂ ଚୀନ୍ ଭଳି ଦେଶଗୁଡ଼ିକ ନିକଟ ଭବିଷ୍ୟତରେ ଶକ୍ତିଶାଳୀ ହୋଇ ଆମେରିକାର ଆଧିପତ୍ୟକୁ ଚ୍ୟାଲେଞ୍ଜ କରନ୍ତୁ। ତେଣୁ, ଏହି ଦେଶଗୁଡ଼ିକର ପ୍ରଗତି ଓ ବିକାଶକୁ ବାଧା ଦେବା ପାଇଁ ଆମେରିକା ଜାଣିଶୁଣି ବିଶ୍ୱର ବିଭିନ୍ନ ସ୍ଥାନରେ ଯୁଦ୍ଧ ଉସୁକାଉଛି। ଭାରତ ଏବଂ ଚୀନ୍ ଉପରେ ଆମେରିକାର ନଜର ରହିଛି। ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ, ଇଲାହି ସୂଚିତ କରିଛନ୍ତି, ଇରାନ କୂଟନୀତି ପାଇଁ ପ୍ରସ୍ତୁତ, କିନ୍ତୁ ଏହି ଆଲୋଚନା ମର୍ଯ୍ୟାଦାଜନକ ହେବା ଆବଶ୍ୟକ। ଇରାନ ଦାବି କରିଛି, ଆମେରିକା ଯୁଦ୍ଧ ବନ୍ଦ କଲେ, ପ୍ରତିବନ୍ଧକ ହଟାଇଲେ ଏବଂ ଭବିଷ୍ୟତରେ କୌଣସି ଆକ୍ରମଣ ନ କରିବାକୁ ଗ୍ୟାରେଣ୍ଟି ଦେଲେ ହିଁ ଶାନ୍ତି ସମ୍ଭବ ହେବ। ସେ ସ୍ପଷ୍ଟ କରିଛନ୍ତି, ଇରାନ ଏହି ସଂଘର୍ଷ ଆରମ୍ଭ କରିନାହିଁ। ଆମେରିକା ଓ ଇସ୍ରାଏଲ ଆମର ନିରୀହ ନାଗରିକଙ୍କ ଉପରେ ବୋମା ମାଡ଼ କରି ଏହାକୁ ଉସୁକାଇଛନ୍ତି। ଏକ ଆଶ୍ଚର୍ଯ୍ୟଜନକ ପ୍ରକାଶରେ ଇରାନ ଦାବି କରିଛି ଯେ, ଆକ୍ରମଣ ପୂର୍ବରୁ ଓମାନ ମାଧ୍ୟମରେ ଆମେରିକା ସହିତ ଏକ ଚୁକ୍ତିନାମା ସମାପ୍ତ ହେବାକୁ ଯାଉଥିଲା। ଦୁଇ ପକ୍ଷ ଏକ ମିଳିତ ବିବୃତି ଜାରି କରିବାକୁ ନିକଟତର ହୋଇଥିଲେ, କିନ୍ତୁ ତା'ପରେ ହଠାତ୍ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଯାଇ ?ଥିଲା, ଯାହା ସମଗ୍ର ପ୍ରକ୍ରିୟାକୁ ବାଧାପ୍ରାପ୍ତ କରିଥିଲା। ଇରାନ ଅଭିଯୋଗ କରିଛି, ଆମେ କେବେବି କୂଟନୀତିର ପଥ ପରିତ୍ୟାଗ କରିନାହୁଁ, ବରଂ ଆମେରିକା ପଛକୁ ହଟି ଯୁଦ୍ଧର ପଥ ବାଛିଛି।ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଇରାନର କ୍ଷେପଣାସ୍ତ୍ର ଏବଂ ପରମାଣୁ କ୍ଷମତା ନଷ୍ଟ ନହେବା ପର୍ଯ୍ୟନ୍ତ ସାମରିକ ଅଭିଯାନ ଜାରି ରହିବ। ଟ୍ରମ୍ପ ଇରାନର ଶାନ୍ତି ଆଲୋଚନା ପ୍ରସ୍ତାବକୁ ବହୁତ ବିଳମ୍ବ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି, ଯାହା ଏହି ଅଞ୍ଚଳରେ ଶାନ୍ତି ପାଇଁ ଆଶାକୁ ମଳିନ କରିଦେଇଛି। ତେବେ ଇରାନର ରଣନୀତି ସ୍ପଷ୍ଟ। ପ୍ରଥମେ ଶତ୍ରୁକୁ ଅନ୍ଧ କରିବା, ତା'ପରେ ସେମାନଙ୍କର ପ୍ରତିରକ୍ଷାକୁ ଦୁର୍ବଳ କରିବା, ଏବଂ ଶେଷରେ ଏକ ବଡ଼ ଆକ୍ରମଣ ସହିତ ସେମାନଙ୍କୁ ପରାସ୍ତ କରିବା। ଏହି ତିନି ପର୍ଯ୍ୟାୟ ଯୋଜନାକୁ ବ୍ଲାଇଣ୍ଡ, ଡିପ୍ଲେଟ୍ ଏବଂ ଓଭରହ୍ୱେଲ୍ମ ବୋଲି ଇରାନ କହିଥାଏ। ଇରାନ ଶସ୍ତା ଅସ୍ତ୍ରଶସ୍ତ୍ର ମାଧ୍ୟମରେ ମହଙ୍ଗା ଆମେରିକୀୟ ପ୍ରତିରକ୍ଷା ବ୍ୟବସ୍ଥାକୁ ଶେଷ କରିବାକୁ ଚାହୁଁଛି। ଇରାନର ପ୍ରାଥମିକ ରଣନୀତି ହେଉଛି ଶତ୍ରୁର ଆଖି କୁହାଯାଉଥିବା ରାଡାରକୁ ନଷ୍ଟ କରି ଶତ୍ରୁକୁ ଅନ୍ଧ କରିବା। ରାଡାର, ସେନ୍ସର ଏବଂ କମାଣ୍ଡ ସେଣ୍ଟର, ଆମେରିକାର ସମନ୍ୱିତ ସେନ୍ସର ନେଟୱାର୍କ, ରାଡାର ଏବଂ କମାଣ୍ଡ ଏବଂ ନିୟନ୍ତ୍ରଣ ନୋଡ ଉପରେ ଆକ୍ରମଣ କରିବା ପାଇଁ ଇରାନ ଶସ୍ତା ସ୍ୱର୍ମ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ବ୍ୟବହାର କରିବାକୁ ଯୋଜନା କରିଛି। ଏହି ଶସ୍ତା ଡ୍ରୋନ୍ ଓ କ୍ଷେପଣାସ୍ତ୍ର ରାଡାରକୁ ଟାର୍ଗେଟ କରି ଶତ୍ରୁକୁ ଅନ୍ଧ କରିଦେବ। ଫଳରେ ଶତ୍ରୁ ବିନା ରାଡାରରେ ଯୁଦ୍ଧ କ୍ଷେତ୍ରରେ ଅନ୍ଧ ପାଲଟିଯିବ। ଇରାନର ରଣନୀତି ହେଉଛି ଶସ୍ତା ଆକ୍ରମଣ କରି ଶତ୍ରୁକୁ ମହଙ୍ଗା ଇଣ୍ଟରସେପ୍ଟର ବ୍ୟବହାର କରିବାକୁ ଏବଂ ସେମାନଙ୍କର ଷ୍ଟକ୍ ଶୂନ୍ୟ କରିବାକୁ ବାଧ କରିବା। ଏହା ଏକ କଷ୍ଟ ଆସିମେଟ୍ରି ଟ୍ରାପ୍। ଏହା ଦ୍ୱାରା ଇରାନ କମ୍ ଖର୍ଚ୍ଚ କରି ଶତ୍ରୁକୁ ଅଧିକ ଖର୍ଚ୍ଚ କରିବାକୁ ବାଧ କରେ। ଉପସାଗରରେ, ୟୁଏଇ ଇରାନ ଆକ୍ରମଣକୁ ପ୍ରତିହତ କରିବା ପାଇଁ କୋଟି କୋଟି ଡଲାର ଖର୍ଚ୍ଚ କରିଛି, କିନ୍ତୁ ଇରାନ ପାଖରେ ଏବେ ବି ଶସ୍ତା ଅସ୍ତ୍ରଶସ୍ତ୍ରର ଏକ ବଡ଼ ଭଣ୍ଡାର ଅଛି। ଏହା ଆମେରିକାର ପ୍ରତିରକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିବାକୁ ଯୋଜନା ରଖିଛି। ଯେତେବେଳେ ଶତ୍ରୁର ପ୍ରତିରକ୍ଷା ଦୁର୍ବଳ ହୋଇଯିବ ଓ ଇଣ୍ଟରସେପ୍ଟରଗୁଡ଼ିକୁ ନଷ୍ଟ କରିଦିଆଯିବ ସେତେବେଳେ ଇରାନ ନିଜର ବଡ଼ ଏବଂ ଅଧିକ ବିପଦପୂର୍ଣ୍ଣ ଅସ୍ତ୍ର, ଯେପରିକି ହାଇପରସୋନିକ୍ କ୍ଷେପଣାସ୍ତ୍ର, ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ହୋଲ୍ଡ-ବ୍ୟାକ୍ ସିଷ୍ଟମ ଲଞ୍ଚ କରିବ ଏହି କ୍ଷେପଣାସ୍ତ୍ରଗୁଡ଼ିକ ଅତ୍ୟନ୍ତ ଦ୍ରୁତ ଏବଂ ସଠିକ ଭାବେ ଦୁର୍ବଳ ପ୍ରତିରକ୍ଷାକୁ ଲକ୍ଷ୍ୟଭେଦ କରିବାକୁ ସକ୍ଷମ। ଏହି ଆକ୍ରମଣ ମାଧ୍ୟମରେ ଇରାନ ଆମେରିକୀୟ ଜାହାଜ, ଘାଟି ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ଯଥେଷ୍ଟ କ୍ଷତି ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଶସ୍ତା ଅସ୍ତ୍ରଶସ୍ତ୍ର ସହିତ ଶତ୍ରୁକୁ କ୍ଳାନ୍ତ କରି, ଇରାନ ବଡ଼ ଆକ୍ରମଣ ପାଇଁ ପଥ ପ୍ରସ୍ତୁତ କରୁଛି। ଇରାନର ଏଭଳି ଯୁଦ୍ଧ ନୀତି ଆମେରିକା ଏବଂ ଇସ୍ରାଏଲର ଚିନ୍ତା ବଢ଼ାଇଛି। ଫଳରେ ଯୁଦ୍ଧ ଅଧିକ ଲମ୍ବା ହେବାର ଆଶଙ୍କା ସୃଷ୍ଟି ହୋଇଛି। ତେବେ ଏଥିରୁ ଅନୁମେୟ ଯେ ଏ ଯୁଦ୍ଧ ସହଜରେ ଶେଷ ହେବ ନାହିଁ ଯାହାକି ଆଗାମୀ ସମୟରେ ତୃତୀୟ ବିଶ୍ୱଯୁଦ୍ଧ କୁ ଆମନ୍ତ୍ରଣ କରିପାରେ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ -
୮୨୪୯୫୦୨୭୭୬

## ବି. ଦଣ୍ଡପାଣି ପାତ୍ରଙ୍କ ମୃତ୍ୟୁ ଘଟଣା

# ଚିକିଟି ଅତିରିକ୍ତ ତହସିଲଦାରଙ୍କୁ ଦାୟୀ କଲେ ବି. ଜାନକୀ

**ବ୍ରହ୍ମପୁର :** ସ୍ଥାନୀୟ ଜଗଦଳପୁର ନିବାସୀ ତଥା ଚିକିଟି ବ୍ଲକ୍ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ପୂର୍ବରୁ କାର୍ଯ୍ୟ କରିଥିବା ସ୍ୱର୍ଗତ ବି. ଦଣ୍ଡପାଣି ପାତ୍ରଙ୍କ ଧର୍ମପତ୍ନୀ ବି. ଜାନକି ପାତ୍ରଙ୍କ ଦ୍ୱାରା ରବିବାର ତାଙ୍କ ସ୍ୱାମୀଙ୍କ ମୃତ୍ୟୁକୁ ନେଇ ଆହୁତ ଏକ ସାମ୍ବାଦିକ ସମ୍ମିଳନୀ କମାପଲ୍ଲୀ ନିକଟସ୍ଥ ଡ଼ାକ ବଙ୍ଗଳା ପରିସରରେ ଆୟୋଜନ କରାଯାଇଥିଲା । ପ୍ରକାଶଥାଉକି, ଗତ ୩.୨.୨୦୨୬ରେ ସୁନାପୁର ବେଳାଭୂମି ମହୋତ୍ସବ ସ୍ଥଳେ ମୋର ସ୍ୱାମୀ କାର୍ଯ୍ୟରତ ଥିବା ସମୟରେ ଝାଟିପଦର ପଞ୍ଚାୟତର କାର୍ଯ୍ୟାଳୟ ନିକଟରେ ଚିକିଟି ଅତିରିକ୍ତ ତହସିଲଦାର ଶାଶ୍ୱତୀ ଷଡ଼ଙ୍ଗୀ ଗାଳିଗୁଲଜ କରି ମୋ ସ୍ୱାମୀଙ୍କୁ ମିଥ୍ୟାରୋପ ଲଗାଇ ସର୍ବ ସମ୍ମୁଖରେ ଘୋର ଅପମାନିତ ଓ ଲଜ୍ଜିତ କରିଥିଲେ । ଫଳରେ ମୋର ସ୍ୱାମୀ ଘୋର ମାନସିକ ଚାପଗ୍ରସ୍ତ ହୋଇ ନିଜର ମାନସିକ ଭାରସାମ୍ୟ ହରାଇ ଗତ ୦୪.୦୨.୨୦୨୬ ରେ ପୂର୍ବାହ୍ନରେ ଆତ୍ମହତ୍ୟା ଉଦ୍ୟମ କରି ଏକ ଆତ୍ମହତ୍ୟା ନୋଟ୍ ଲେଖିଥିଲେ ଯେଉଁଥିରେ ମହିଳା ଏଟିଓ ଚିକିଟି ଶାଶ୍ୱତୀ ଷଡ଼ଙ୍ଗୀଙ୍କୁ ଦାୟୀ କରିଥିଲେ । ଏହାପରେ ଦୀର୍ଘ ୧୪ ଦିନ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ୍‌ରେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ୧୭.୦୨.୨୦୨୬ ରେ ମୃତ୍ୟୁବରଣ କରିଥିଲେ । ଉକ୍ତ ଘଟଣାରେ ସମ୍ପୃକ୍ତ ମହିଳା ଅତିରିକ୍ତ ତହସିଲଦାରଙ୍କୁ ଦାୟି କରି ଏକ ଅଭିଯୋଗ ପତ୍ର ଦିଆଯାଇଥିଲା । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ମୋ ସ୍ୱାମୀଙ୍କର ହସ୍ତଲିଖିତ ଆତ୍ମହତ୍ୟାର କାରଣ ସମ୍ପର୍କିତ ଏକ ନୋଟ୍ ମିଳିବା ପରେ ଗୋଳନ୍ଥରା ପୋଲିସକୁ ଜଣାଇଥିଲେ ମଧ୍ୟ ସମ୍ପୃକ୍ତ ପୋଲିସ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ ଏବଂ ଉକ୍ତ ଆତ୍ମହତ୍ୟା ନୋଟକୁ ଜବତ କଲେ ନାହିଁ । ମୋର ସ୍ୱାମୀ ମୃତ୍ୟୁ ପାଇଁ ଚିକିଟି ଅତିରିକ୍ତ ତହସିଲଦାର ଶାଶ୍ୱତୀ ଷଡ଼ଙ୍ଗୀ (ଏଟିଓ) ସମ୍ପୂର୍ଣ୍ଣ ରୂପେ ଦାୟି ଅଟନ୍ତି ଏବଂ ମୋର ସ୍ୱାମୀଙ୍କୁ ଆତ୍ମହତ୍ୟା କରିବା ପାଇଁ ବାଧ୍ୟ କରିଥିବାରୁ ତାଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ତୁରନ୍ତ ଗିରଫ କରି ମୋତେ ଉଚିତ୍ ନ୍ୟାୟ ଦେବେ ବୋଲି ସାମ୍ବାଦିକ ସମ୍ମିଳନୀରେ କ୍ଷୋଭର ସହ କହିଥିଲେ । ଗୋଳନ୍ଥରା ପୋଲିସ ଚାପର ବଶବର୍ତ୍ତୀ ହୋଇ ସମ୍ପୃକ୍ତ ମହିଳା ଏଟିଓଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ସ୍ୱର୍ଗତ ପାତ୍ରଙ୍କ ଧର୍ମପତ୍ନୀ ବି. ଜାନକୀ ଏଠାରେ ଅଭିଯୋଗ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଆଇନ୍‌ଜୀବୀ ଦୀପକ ପଟ୍ଟନାୟକଙ୍କ ସମେତ ତାଙ୍କ ପରିବାରର ଅନ୍ୟାନ୍ୟ ସଦସ୍ୟ/ସଦସ୍ୟାମାନେ ଉପସ୍ଥିତ ଥିଲେ ।

## ବିଦ୍ୟୁତ୍ ବିଭାଗର ଅବହେଳାରେ ଦୁଇ ଗୋମାତାଙ୍କ ମୃତ୍ୟୁ

# କ୍ଷତିପୂରଣ ସହ କଠୋର କାର୍ଯ୍ୟାନୁଷ୍ଠାନ ଦାବି

**ଫୁଲନଖରା :** ବୟାଳିଶମୌଜା ଅଞ୍ଚଳର ସବଳପୁର ଗ୍ରାମରେ ବିଦ୍ୟୁତ୍ ବିଭାଗର ଅସାବଧାନତା ଯୋଗୁଁ ଘଟିଥିବା ଏକ ଦୁଃଖଦ ଘଟଣାରେ ଦୁଇଟି ଗୋମାତାଙ୍କ ମୃତ୍ୟୁ ଘଟିଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ସହିତ ତୀବ୍ର ଅସନ୍ତୋଷର ସୃଷ୍ଟି କରିଛି । ସୂଚନା ଅନୁସାରେ, ଶନିବାର ଅପରାହ୍ନରେ ହୋଇଥିବା କାଳବୈଶାଖୀ ବର୍ଷା ଓ ପବନ ସମୟରେ ସବଳପୁର ଗ୍ରାମ ନିକଟରେ ଥିବା ଏକ ବିଦ୍ୟୁତ୍ ତାର ଛିଣ୍ଡି ରାସ୍ତା କଡ଼ରେ ପଡ଼ିଯାଇଥିଲା । ସେହି ସମୟରେ ସେଠାରେ ଚରୁଥିବା ଦୁଇଟି ଗାଈ ଅସାବଧାନତାବଶତଃ ଛିଣ୍ଡି ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ । ମୃତ ଗାଈ ଦୁଇଟି ଦହିଗାଁ ଗ୍ରାମର ନଣ୍ଡା ବେହେରାଙ୍କର ବୋଲି ଜଣାପଡ଼ିଛି । ଏହି ଅକାଳ କ୍ଷତିରେ ପରିବାରଟି ଗଭୀର ଦୁଃଖରେ ଭାଙ୍ଗିପଡ଼ିଥିବାବେଳେ ଆର୍ଥିକ ଭାବେ ମଧ୍ୟ ବିପୁଳ କ୍ଷତି ସହିବାକୁ ପଡ଼ିଛି । ଘଟଣାକୁ ନେଇ ୪୨ ମୌଜା ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ ହୋଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଗ୍ରାମ୍ୟ ରାସ୍ତା କଡ଼ରେ ଥିବା ବିଦ୍ୟୁତ୍ ତାରଗୁଡ଼ିକ ବହୁଦିନ ଧରି ଅତ୍ୟନ୍ତ କମ୍ ଉଚ୍ଚତାରେ ଝୁଲିରହିଛି, ଯାହା ସାଧାରଣ ଲୋକ ଓ ଗୃହପାଳିତ ପଶୁମାନଙ୍କ ଜୀବନ ପ୍ରତି ନିରନ୍ତର ବିପଦ ସୃଷ୍ଟି କରୁଛି । ସବୁଠାରୁ ଚିନ୍ତାଜନକ କଥା ହେଲା, ଘଟଣାଦିନ ହୋଇଥିବା କାଳବୈଶାଖୀର ପବନ ବେଗ ଅତ୍ୟଧିକ ନଥିଲା । ତେଣୁ ଏପରି ସାଧାରଣ ପବନରେ ବିଦ୍ୟୁତ୍ ତାର ଛିଣ୍ଡିଯିବା ବିଭାଗୀୟ ରକ୍ଷଣାବେକ୍ଷଣ ବ୍ୟବସ୍ଥାର ଦୃଢ଼ତାକୁ ପ୍ରଶ୍ନର ସମ୍ମୁଖୀନ



କରିଛି । ଏହାସହ ବାରମ୍ବାର ବିଦ୍ୟୁତ୍ କାଟ କରି ମରାମତି କାମ ହେଉଥିବା ସତ୍ତ୍ୱେ ତାରର ବାସ୍ତବ ସ୍ଥିତି ଯାଞ୍ଚ କରାଯାଉଛି କି ନାହିଁ, ସେନେଇ ସ୍ଥାନୀୟବାସୀ ଗୁରୁତର ପ୍ରଶ୍ନ ଉଠାଇଛନ୍ତି । ବୁଦ୍ଧିଜୀବୀମାନଙ୍କ ମତାନୁସାରେ, ମରାମତି କାମ ଠିକାଦାରମାନଙ୍କ ଉପରେ ଛାଡ଼ି ଦେଇ ଲାଇନମ୍ୟାନ ଓ ବିଭାଗୀୟ କର୍ମଚାରୀମାନଙ୍କ ପର୍ଯ୍ୟାପ୍ତ ତଦାରଖ ନ ଥିବାରୁ ଏଭଳି ଦୁର୍ଘଟଣା ଘଟୁଛି । ସମୟମତେ ଯାଞ୍ଚ ଓ ରକ୍ଷଣାବେକ୍ଷଣ କରାଯାଇଥାନ୍ତା, ଏହି ଅନାବଶ୍ୟକ ମୃତ୍ୟୁକୁ ଏଡ଼ାଯାଇ ପାରୁଥାନ୍ତା । ଏହି ଘଟଣାରେ ମୃତ ଗୋମାତାଙ୍କ ମାଲିକ ନଣ୍ଡା ବେହେରାଙ୍କୁ ତୁରନ୍ତ ଯଥୋଚିତ କ୍ଷତିପୂରଣ ପ୍ରଦାନ କରିବା ସହିତ ଅବହେଳା ପାଇଁ ଦାୟୀ ବିଦ୍ୟୁତ୍ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡ଼ା, ସ୍ୱାଧୀନ ଶେଖର ଷଡ଼ଙ୍ଗୀ ଏବଂ କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତ ପ୍ରମୁଖ । ସ୍ଥାନୀୟବାସୀମାନେ ମଧ୍ୟ ଏପରି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ଗ୍ରାମାଞ୍ଚଳର ସମସ୍ତ ବିଦ୍ୟୁତ୍ ତାର ଓ ଖୁଣ୍ଟିର ଅବସ୍ଥାର ସମ୍ପୂର୍ଣ୍ଣ ଯାଞ୍ଚ କରି ତୁରନ୍ତ ଆବଶ୍ୟକୀୟ ସଂସ୍କାର କାମ କରାଯାଇବାକୁ ଦାବି କରିଛନ୍ତି । ନଚେତ୍ ଆଗାମୀ ଦିନରେ ଏଭଳି ଅବହେଳା ଯୋଗୁଁ ମାନବ ଜୀବନ ମଧ୍ୟ ସଙ୍କଟରେ ପଡ଼ିପାରେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

# ଆଇପିଏଲ୍‌ରେ ବେଆଇନ୍ ଅନ୍‌ଲାଇନ୍ ବାଜି ର୍‍ୟାକେଟ୍‌କୁ ଠାବ, ଜଣେ ଗିରଫ




**ବ୍ରହ୍ମପୁର :** ସ୍ଥାନୀୟ ବଡ଼ବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ୍ ନିକଟସ୍ଥ ଅଟୋ ନଗରଠାରେ ଆଇପିଏଲ୍ ବ୍ୟାଟିଂ ଚାଲିଥିବା ବେଳେ ବେଆଇନ୍ ଅନ୍‌ଲାଇନ୍ ବାଜି ର୍‍ୟାକେଟ୍‌କୁ ଠାବ କରିବା ସହ ଜଣକୁ ଗିରଫ କରିଛି ବଡ଼ବଜାର ପୋଲିସ । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଶାନ୍ତି ନଗର ଚତୁର୍ଥ ଲାଇନ୍‌ର ରଜନୀ ରଞ୍ଜନ ରାଉତ (୨୭) ବୋଲି ଜଣାପଡ଼ିଛି । ଗିରଫ ଅଭିଯୁକ୍ତଙ୍କ ଠାରୁ ଦୁଇଗୋଟି ମୋବାଇଲ୍ ଫୋନ୍ ଏବଂ ନଗଦ ୫୦ ହଜାର ୨ଶହ ଟଙ୍କା ଜବତ କରିଛି ପୋଲିସ । ସୂଚନାଥାଉକି, ଗତ ୯ ତାରିଖ ରାତ୍ର ପ୍ରାୟ ସାଢ଼େ ୯ ଘଣ୍ଟା ସମୟରେ ଫାଷ୍ଟ ଗେଟ୍ ଅଟୋନଗର ଇଲିଗାଲ୍ ଅନ୍‌ଲାଇନ୍ ବ୍ୟାଟିଂ ଚାଲିଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବଡ଼ ବଜାର ଥାନା ଏସ୍‌ଆଇ ଦୀପକ କୁମାର ଦାସ ଏବଂ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିବା ବେଳେ ଜଣେ ଅଭିଯୁକ୍ତ ରଜନୀ ରଞ୍ଜନ ରାଉତଙ୍କୁ ଗିରଫ କରିଥିଲେ । ୯ ତାରିଖରେ ରାଜସ୍ଥାନ ରୟାଲ୍‌ସ ସହ ଗୁଜୁରାଟ ଟାଇଟନ୍ ଆଇପିଏଲ୍ ବ୍ୟାଟିଂ ଚାଲିଥିବା ବେଳେ ଏହି ଅଭିଯୁକ୍ତ ଜଣକ ମୋବାଇଲ୍ ଜରିଆରେ ଅନ୍‌ଲାଇନ୍ ମାଧ୍ୟମରେ କିଛି ଗ୍ରାହକଙ୍କୁ ବାଜି ଲଗାଇଥିଲେ । ଏହାକୁ ନେଇ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଅଭିଯୁକ୍ତ ଜଣଙ୍କୁ ଗିରଫ କରାଯାଇଥିଲା । ଏନେଇ ଥାନା କେସ୍ ନଂ ୨୯୭/୨୬ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ନେଇ ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍ ଆହୁତ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ।

# ହ୍ୟାଣ୍ଡବଲ ସଂଘର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର

**ବ୍ରହ୍ମପୁର :** ସ୍ଥାନୀୟ ଖଲ୍ଲିକୋଟ କଲେଜ ଖେଳ ପଡ଼ିଆରେ ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଂଘ ପକ୍ଷରୁ ୧୧ତମ ଗ୍ରୀଷ୍ମକାଳୀନ ହ୍ୟାଣ୍ଡବଲ ପ୍ରଶିକ୍ଷଣ ଶିବିରର ଉଦଘାଟନ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ ।ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ଏଥଲେଟିକ୍ସ ସଂଘର ସମ୍ପାଦକ ଜେ. କାମେଶ୍ୱର ରାଓ, ଡାକ୍ତର ଦିବ୍ୟାନୀ ଦେଓ, ସ୍ଥାନୀୟ କର୍ପୋରେଟର ପ୍ରଦୀପ ଶତପଥୀ, ଜିଲ୍ଲା ହ୍ୟାଣ୍ଡବଲ ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳ, ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, ସାଙ୍ଗଠନିକ ସମ୍ପାଦକ ଶକ୍ତୀଧର ରାଜଗୁରୁ, ଉପସଭାପତି ରାଜେଶ କୁମାର ସାହୁ, ଯୁବନେତା ଅଜୟ କୁମାର ମହାରଣା ଏବଂ କୋଷାଧ୍ୟକ୍ଷ ଡାକ୍ତର ମନୋଜ କୁମାର ପାତ୍ର ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ନୂତନ ଜର୍ସିର ଉନ୍ମୋଚନ କରିଥିଲେ । ଚଳିତ ବର୍ଷ ଏହି ପ୍ରଶିକ୍ଷଣ ଶିବିରରେ ପ୍ରାୟ ୨୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ୨୫ ଜଣ କୋଚ୍




ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ଏନ୍.ଆଇ.ଏସ୍ କୋଚ୍ ପ୍ରଶାନ୍ତ କୁମାର ରଥ ମୁଖ୍ୟ କୋଚ୍ ଭାବେ ଏହି ଗ୍ରୀଷ୍ମକାଳୀନ ହ୍ୟାଣ୍ଡବଲ ଶିବିରକୁ ପରିଚାଳନା କରୁଛନ୍ତି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ବିଧାୟକ କେ. ଅନିଲ କୁମାର ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଆଗାମୀ ଦିନରେ ବ୍ରହ୍ମପୁର ଷ୍ଟାଡିୟମରେ ହ୍ୟାଣ୍ଡବଲ ଖେଳାଳିମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଗ୍ରାଉଣ୍ଡ ନିର୍ମାଣ ପାଇଁ ପ୍ରୟାସ ଚାଲିଥିବା ସୂଚନା ଦେଇଥିଲେ ।ଏହି ଏକମାସିଆ ପ୍ରଶିକ୍ଷଣ ଶିବିର ଆସନ୍ତା ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲ୍ଲା ହ୍ୟାଣ୍ଡବଲ ସଂଘର ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି । ଉଦଘାଟନୀ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ପାଇଁ ଆସିଥିବା ଖେଳାଳିମାନଙ୍କ ଅଭିଭାବକମାନେ ମଧ୍ୟ ଉପସ୍ଥିତ ରହି ସଂଘ ପକ୍ଷରୁ ହୋଇଥିବା ଆୟୋଜନକୁ ପ୍ରଶଂସା କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ଖେଳାଳିଙ୍କ ଦ୍ୱାରା ସାଂସ୍କୃତିକ ଓ ରଙ୍ଗରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଓଡ଼ିଶା ଅମଲା ସଂଘ ଶାଖାର ବୈଠକ



**ବ୍ରହ୍ମପୁର :** ସ୍ଥାନୀୟ ଗେଟ୍‌ବଜାରସ୍ଥିତ ଏନ୍‌ଜିଓ ହଲ୍ ଠାରେ ଓଡ଼ିଶା ଅମଲା ସଂଘ ଗଞ୍ଜାମ ଜିଲ୍ଲା ଶାଖାର ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକ ସଭାପତି କିରଣ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ଅମଲା ସଂଘର ମୁଖ୍ୟ ଅତିଥି ଭାବେ ପ୍ରସନ୍ନ କୁମାର ତ୍ରିପାଠୀ ଏବଂ ପୂର୍ବତନ ଜିଲ୍ଲା ଶାଖାର ସଭାପତି ସୁଦାମ କୁମାର ପାଣିଗ୍ରାହୀ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ । ସଭାରେ କାର୍ଯ୍ୟକାରୀ ସଭାପତି ଏମ୍. ପର୍ଶୁରାମ ପାତ୍ର, କୋଷାଧ୍ୟକ୍ଷ ଶ୍ରୀକାନ୍ତ ମହାପାତ୍ର ମଞ୍ଚାସିନଥିଲେ । ସଭାରେ ଆସନ୍ତା ୨୬ ଓ ୨୭ ତାରିଖରେ ପୁରୀଠାରେ ଓଡ଼ିଶା ଅମଲା ସଂଘର ୧୭ ଜଣ ରାଜ୍ୟ ସମ୍ମିଳନୀରେ ଅମଲାମାନଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଦରମା ହାର ୪୨୦୦ ଜିପି ତଥା ଲେବଲ-୯ ଅନୁଯାୟୀ ଦିଆଯିବା ଏବଂ ସେକ୍ସନ୍ ଅଫିସର ପଦବୀରୁ ସଂସ୍ଥାପନା ଅଧିକାରୀ ପଦବୀକୁ ପଦୋନ୍ନତି ଉପରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବା ଥିବାରୁ ଗଞ୍ଜାମ ଜିଲ୍ଲାରୁ ଏହି ରାଜ୍ୟ ସମ୍ମିଳନୀରେ ଶତାଧିକ ପ୍ରତିନିଧି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଓଡ଼ିଶା ଅମଲା ସଂଘର ଗଞ୍ଜାମ ଜିଲ୍ଲା ସମ୍ମିଳନୀ ଆସନ୍ତା ଜୁନ୍ ଶେଷ ସପ୍ତାହରେ କରିବାକୁ ସ୍ଥିର କରାଯାଇଛି । ଏହି ଆଲୋଚନାରେ ଦିଗାମ୍ବର ପାତ୍ର, ଶିବ ପ୍ରସାଦ ପାଣିଗ୍ରାହୀ, ବିଶ୍ୱନାଥ ପଣ୍ଡା, ଶାରଦା ପ୍ରସନ୍ନ ନାୟକ, କେ. ସୁନୀଲ୍ କୁମାର ସୁବୁଦ୍ଧି, ବିନୋଦ କୁମାର, ରାମଚନ୍ଦ୍ର ପାଣିଗ୍ରାହୀ ଏବଂ ଅଣ ଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ପୂର୍ବତନ ସମ୍ପାଦକ ପ୍ରଦୀପ କୁମାର ସାହୁଙ୍କ ସମେତ ଅମଲା ସଂଘର ବହୁ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ ।

## ବିଶ୍ୱ ମାତୃ ଦିବସ ପାଳିତ

# 'ମାତୃ ଋଣ ପରିଶୋଧ ସମ୍ଭବ ନୁହେଁ'

**ବ୍ରହ୍ମପୁର :** ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଗଞ୍ଜାମ ଶାଖା ତରଫରୁ ଏହାର ସଭାପତି ହରେକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସରକାରୀ କୁଇନ ଅଫ ଦି ମିଶନ୍ସ ହାଇସ୍କୁଲ ପରିସରରେ ବିଶ୍ୱ ମାତୃ ଦିବସ ପାଳିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ, ମୁଖ୍ୟ ବକ୍ତା ଭାବେ ପ୍ରଫେସର ଡ଼ କୁଳମଣି ଓଝା, ସମ୍ମାନନୀୟ ଅତିଥି ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପ୍ରାନ୍ତ ଉପାଧ୍ୟକ୍ଷ ପ୍ରଫେସର ଡ଼ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ପ୍ରାକ୍ତନ ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ଼ କୈଳାସ ଚନ୍ଦ୍ର ତ୍ରିପାଠୀ ଓ ଡାକ୍ତର ସଙ୍କର୍ଷଣ ପାତ୍ର ଉପସ୍ଥିତ ଥିଲେ । ଏମାନଙ୍କ ସହିତ ଡ଼ ବନମାଳୀ ପାଣିଗ୍ରାହୀ, ଡ଼ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଡ଼ ଲମ୍ବୋଦର ପାଣିଗ୍ରାହୀ, ପ୍ରଫେସର ଡ଼ ସୂଚନା ପାଢ଼ୀ, ଡ଼ ସଚ୍ଚିଦାନନ୍ଦ ପାଢ଼ୀ, ବଂଶୀଧର ସେଠୀ, ଇଂ ପ୍ରଫୁଲ୍ଲ କୁମାର ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଜନ୍ମଦାତ୍ରୀ ଆମର ପ୍ରଥମ ଦେବୀ, ଜନ୍ମଭୂମି, ଗୋମାତା ଓ



ଜଗତଜନନୀ ମା ଦୁର୍ଗା ମଧ୍ୟ ଆମ ସଂସ୍କୃତିରେ ବନ୍ଦନୀୟା । ପୁତ୍ର ପୁତ୍ରବଧୂମାନଙ୍କ ଦ୍ୱାରା ମା' ଙ୍କୁ ନିର୍ଯ୍ୟାତନା, ଯୌନ ନିର୍ଯ୍ୟାତନା ଓ ନାବାଳିକା ତଥା ମହିଳା ନିର୍ଯ୍ୟାତନା କ୍ଷେତ୍ରରେ ଅପରାଧ ହାର ଓଡ଼ିଶରେ ସର୍ବାଧିକ ଥିବାରୁ ଅତିଥି ମାନେ ଚିନ୍ତା ପ୍ରକଟ କରିଥିଲେ । ଏହି ସଭାରେ ବର୍ଷୀଆନ କବି ଡ଼ କୈଳାସ ଚନ୍ଦ୍ର ତ୍ରିପାଠୀଙ୍କ ଦଶମ କବିତା ସଂକଳନ ସ୍ମୃତିର ଶବ୍ଦ ଚିତ୍ର ଲୋକାର୍ପଣ ହୋଇଥିଲା. ଏହାପରେ ସୁଚେତା ପାଣିଗ୍ରାହୀଙ୍କ ସଂଯୋଜନାରେ ମାତୃ ଦିବସ ଉପଲକ୍ଷେ ଏକ କବିତା ଆସର ହୋଇଥିଲା । ସ୍ୱର୍ଣ୍ଣମୟୀ ପାଢ଼ୀ, ସନ୍ଧ୍ୟା ରାଣୀ ଦେବୀ, ଜ୍ୟୋତ୍ସ୍ନା ରାଣୀ ଦେବୀ, ଡ଼ ନିହାରିକା ସାହୁ ଓ ମଧୁସ୍ମିତା ସାହୁ କବିତା ଆସର ପରିଚାଳନା କରିଥିଲେ । ପ୍ରାୟ ୨୫ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ । ଅଧିବକ୍ତା ଗୌରୀ ଶଙ୍କର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର କିଛି ଛାତ୍ର ଓ ଶିକ୍ଷକ ମଧ୍ୟ ମାତୃ ଦିବସ ଗୋପାଳପୁରର ସାହିତ୍ୟିକ ସରୋଜ କାନ୍ତ ରଥ, ଧୀର ସମୀର ପାଣିଗ୍ରାହୀ ଓ ଡ଼ ଅନୁଜ କୁମାର ନାୟକ ସହଯୋଗ କରିଥିଲେ ।

## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ

# ଛଅ ଦଫା ଦାବି ପୂରଣ ପାଇଁ ସରକାରଙ୍କ ଦୃଷ୍ଟିଆକର୍ଷଣ

**ଫୁଲନଖରା :** ଓଡିଶା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ ଶୁକ୍ରବାର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଶତାଧିକ ପିଇଓ ଯୋଗଦେଇ ସେମାନଙ୍କର ସେବାଗତ ସମସ୍ୟା, ଦୀର୍ଘଦିନର ଦାବି ଓ କାର୍ଯ୍ୟସ୍ଥଳରେ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ଗ୍ରାମ ପଞ୍ଚାୟତ ସ୍ତରରେ ସରକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ, ଆର୍ଥିକ ଲେନଦେନ, ଲାଭୁକମାନଙ୍କୁ ଭତ୍ତା ବଣ୍ଟନ ଓ ପ୍ରଶାସନିକ କାର୍ଯ୍ୟ ସଂଚାଳନରେ ପିଇଓମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବା ସତ୍ତ୍ୱେ ସେମାନଙ୍କ ନ୍ୟାୟସଂଗତ ଦାବିଗୁଡ଼ିକ ପ୍ରତି ସରକାର ଏପର୍ଯ୍ୟନ୍ତ ଯଥେଷ୍ଟ ଗୁରୁତ୍ୱ ଦେଇନଥିବାରୁ ସମ୍ମିଳନୀରେ ଅସନ୍ତୋଷ ପ୍ରକାଶ ପାଇଥିଲା । ସମ୍ମିଳନୀରେ ପିଇଓମାନଙ୍କ ପକ୍ଷରୁ ସରକାରଙ୍କ ନିକଟରେ ଛଅ ଦଫା ଦାବି ଉପସ୍ଥାପନ କରାଯାଇଥିଲା । ସେଥିରେ ପିଇଓମାନଙ୍କୁ ଲେଭେଲ-୯ (ଗ୍ରେଡ୍ ପେ ୪୨୦୦) ଅନୁଯାୟୀ ବେତନ ପ୍ରଦାନ ସହ ଗ୍ରୁପ-'ବି' ପଦମର୍ଯ୍ୟାଦା ଦେବା, ନ୍ୟୁନତମ ଶିକ୍ଷାଗତ ଯୋଗ୍ୟତାକୁ ସ୍ନାତକ ରଖିବା, ଓଡିଶା ପଞ୍ଚାୟତ ସେବା କ୍ୟାଡରରେ ଅନ୍ତର୍ଭୁକ୍ତ କରି ପଦୋନ୍ନତିର ସୁଯୋଗ ସୃଷ୍ଟି କରିବା, ଆର୍ଥିକ ଲେନଦେନ ସମୟରେ ସୁରକ୍ଷା ବ୍ୟବସ୍ଥା, ଭତ୍ତା ଅର୍ଥ ବ୍ୟାଙ୍କରୁ ଆଣିବା ଓ ବଣ୍ଟନ ବେଳେ ଦୁର୍ଘଟଣା ଘଟିଲେ ବୀମା ସୁବିଧା ଏବଂ ସମସ୍ତ ପିଇଓଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ଦାବି ରହିଥିଲା । ବକ୍ତାମାନେ କହିଥିଲେ ଯେ, ଗ୍ରାମୀଣ ପ୍ରଶାସନର ମୂଳ ଭିତ୍ତି ହେଉଛନ୍ତି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ । ସେମାନଙ୍କର ସେବା ସୁରକ୍ଷା, ଯୋଗ୍ୟ ବେତନ ଓ ପଦୋନ୍ନତି ବ୍ୟବସ୍ଥା ସୁନିଶ୍ଚିତ ହେଲେ ପଞ୍ଚାୟତ ସ୍ତରର ପ୍ରଶାସନ ଆହୁରି ସୁଦୃଢ଼ ହେବ । ଏହି ସମ୍ମିଳନୀରେ ସଂଘର ନେତୃତ୍ୱରେ ରଞ୍ଜିତ ବେହେରା, ବିବେକାନନ୍ଦ କିଷାନ, ନରୋତ୍ତମ ଦାସ, ଦିଲ୍ଲୀପ ସାହୁ, ତନ୍ମୟ ନାୟକ, ବିଶ୍ୱକେତନ ସାମଲଙ୍କ ସହ ବିଭିନ୍ନ ଜିଲ୍ଲାର ପ୍ରତିନିଧିମାନେ ଯୋଗଦେଇଥିଲେ । ଶେଷରେ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଛଅ ଦଫା ଦାବିକୁ ଶୀଘ୍ର ପୂରଣ କରିବାକୁ ଦୃଢ଼ ଦାବି ।



# ୧୩ରୁ ଆରମ୍ଭ ହେବ ୧୭ତମ ସାତସାହି କଟକ ନୃତ୍ୟଉତ୍ସବ

**ଫୁଲନଖରା :** କଟକର ଐତିହାସିକ ବାଲିଯାତ୍ରା ପଡ଼ିଆରେ ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବ ୧୭ତମ ସାତସାହି କଟକ ନୃତ୍ୟଉତ୍ସବ । ସାଂସ୍କୃତିକ ଐତିହ୍ୟ, ଲୋକକଳା ଓ ସାମାଜିକ ସେବାର ଏକ ଅନନ୍ୟ ସମନ୍ୱୟ ଭାବେ ପରିଚିତ ଏହି ମହୋତ୍ସବ ଚଳିତ ବର୍ଷ ଅଧିକ ଆକର୍ଷଣୀୟ ଓ ବ୍ୟାପକ ଆୟୋଜନ ସହ ଅନୁଷ୍ଠିତ ହେବ ।ଉତ୍ସବ ଅବସରରେ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ମଣିପୁର, ଆସାମ, ଛତିଶଗଡ଼, ପଞ୍ଜାବ ସହ ଦେଶର ବିଭିନ୍ନ ରାଜ୍ୟରୁ ୧୫୦ରୁ ଅଧିକ କଳାକାର ଯୋଗଦେଇ ଶାସ୍ତ୍ରୀୟ, ଲୋକ ଓ ସୃଜନଶୀଳ ନୃତ୍ୟର ମନୋମୁଗ୍ଧକର ପରିବେଷଣ କରିବେ । ପ୍ରତିଦିନ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନୋରଞ୍ଜନ ସହ ସାଂସ୍କୃତିକ ସମୃଦ୍ଧିର ଅନୁଭୂତି ଦେବ ।ପ୍ରତିବର୍ଷର ଭଳି ଚଳିତ ବର୍ଷ ମଧ୍ୟ ଉତ୍ସବର ଅନ୍ତିମ ସନ୍ଧ୍ୟାରେ କର୍କଟ, ମଧୁମେହ ଓ ଥାଲାସେମିଆରେ ପୀଡ଼ିତ ରୋଗୀମାନଙ୍କ ସହିତ ଭିନ୍ନକ୍ଷମ ଓ ଅନାଥ ଶିଶୁମାନଙ୍କ ସହାୟତା ପାଇଁ ମେଳାରୁ ଆସୁଥିବା ଆୟର ଏକ ଅଂଶ ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯିବ । ଏହି ସାମାଜିକ ପଦକ୍ଷେପ ଉତ୍ସବକୁ ଏକ ମାନବିକ ମାନ୍ୟତା ଦେଇଆସୁଛି ।ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ୨୦୦ରୁ ଅଧିକ ଷ୍ଟଲ୍ ସ୍ଥାପିତ ହେବ । ଘରୋଇ ସାମଗ୍ରୀ, ହସ୍ତଶିଳ୍ପ ପଦାର୍ଥ, ଦୋଳି, ମିନାବଜାର ସହ କଟକର ପ୍ରସିଦ୍ଧ ଦହିବରା-ଆଳୁଦମ, ବିଭିନ୍ନ ଫାଷ୍ଟ ଫୁଡ୍ ଓ ସୁସ୍ୱାଦୁ ବ୍ୟଞ୍ଜନର ଷ୍ଟଲ୍ ଦର୍ଶକଙ୍କ ପାଇଁ ବିଶେଷ ଆକର୍ଷଣ ହେବ ।ପ୍ରତ୍ୟେକ ସନ୍ଧ୍ୟାରେ ଉପସ୍ଥିତ ଦର୍ଶକମାନଙ୍କୁ ଛଅଟି ପ୍ରଶ୍ନ ପଚାରାଯିବ ଏବଂ ସଠିକ ଉତ୍ତରଦାତାଙ୍କୁ ମରକୁରା ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ ।ଏନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସାତସାହି ନୃତ୍ୟଉତ୍ସବ ପରିଚାଳନା କମିଟିର ଅଧ୍ୟକ୍ଷ ସୁବାଷ ସିଂହ ସୂଚନା ଦେଇ କହିଥିଲେ ଯେ, ପ୍ରତିବର୍ଷ ତୁଳନାରେ ଚଳିତ ବର୍ଷର ଉତ୍ସବକୁ ଅଧିକ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ଆୟୋଜନ କରାଯାଉଛି ।ଜିଲ୍ଲା ପ୍ରଶାସନ, କଟକ ମହାନଗର ନିଗମ, କଟକ ଉନ୍ନୟନ କର୍ତ୍ତୃପକ୍ଷ ଏବଂ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗର ସହଯୋଗରେ ଏହି ଉତ୍ସବ ଆୟୋଜିତ ହେଉଛି । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିଲା । ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ଦୁର୍ଗାଚରଣ ଦାଶ, ଉପଦେଷ୍ଟା ପଦ୍ମଲୋଚନ ମିଶ୍ର, ଦ୍ୱିପାୟନ ପଟ୍ଟନାୟକ ଏବଂ ସାଧାରଣ ସମ୍ପାଦକ ଦିପେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# କୁରାଙ୍ଗଶାସନରେ ଶ୍ରୀଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ପଞ୍ଚଦିବସୀୟ ଯଜ୍ଞଉତ୍ସବ ସଫଳତାର ସହ ସମାପ୍ତ

**ଫୁଲନଖରା :** କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗଶାସନ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ପଞ୍ଚଦିବସୀୟ ବାର୍ଷିକ ଯଜ୍ଞଉତ୍ସବ ଭକ୍ତିମୟ ପରିବେଶ ମଧ୍ୟରେ ସଫଳତାର ସହ ଶେଷ ହୋଇଛି । ପାଞ୍ଚ ଦିନ ଧରି ଚାଲିଥିବା ଏହି ଆଧ୍ୟାତ୍ମିକ ମହୋତ୍ସବରେ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ଭିଡ଼ ଲାଗି ରହିଥିଲା । ବେଦ ମନ୍ତ୍ରୋଚ୍ଚାରଣ, ହୋମ-ଯଜ୍ଞ, ପୂଜାର୍ଚ୍ଚନା ଓ ଧାର୍ମିକ କାର୍ଯ୍ୟକ୍ରମରେ ସମଗ୍ର ଅଞ୍ଚଳ ଆଧ୍ୟାତ୍ମିକ ଚେତନାରେ ମୁଖରିତ ହୋଇଉଠିଥିଲା । ଏହି ବାର୍ଷିକ ଯଜ୍ଞଉତ୍ସବରେ ଯଜ୍ଞ ପୁରୋଧା ପଣ୍ଡିତ ଭିକାରୀ ଚରଣ ଆଚାର୍ଯ୍ୟ ଓ ସହ ପୁରୋଧାମାନଙ୍କ ନେତୃତ୍ୱରେ ବିଧିବତ୍ ଭାବେ ହୋମ ଓ ଆହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଯଜ୍ଞର କର୍ତ୍ତା ଭକ୍ତ ଶ୍ରୀ ଗଦାଧର ବିଶ୍ୱାଳ ଓ କର୍ତ୍ତୀ ଶ୍ରୀମତୀ ସୂର୍ଯ୍ୟକାନ୍ତି ବିଶ୍ୱାଳ ଭକ୍ତିଭାବର ସହ ସମସ୍ତ ଧାର୍ମିକ କାର୍ଯ୍ୟରେ ଉପସ୍ଥିତ ରହି ଯଜ୍ଞକୁ ସଫଳ କରିଥିଲେ । ପାଞ୍ଚଦିନ ଧରି ଚାଲିଥିବା ଏହି ମହାଯଜ୍ଞରେ ରୁଦ୍ରାଭିଷେକ, ହୋମ, ପୂର୍ଣ୍ଣାହୁତି, ଭଜନ-କୀର୍ତ୍ତନ ଓ ପ୍ରସାଦ ସେବନ ଭଳି ବିଭିନ୍ନ ଧାର୍ମିକ ଆୟୋଜନ ହୋଇଥିଲା । ପ୍ରତିଦିନ ସକାଳୁ ଠାରୁ ରାତି ପର୍ଯ୍ୟନ୍ତ ମନ୍ଦିର ପ୍ରାଙ୍ଗଣରେ ଭକ୍ତମାନଙ୍କ ଅବିରତ ସମାଗମ ଦେଖିବାକୁ ମିଳିଥିଲା । ଶେଷ ଦିନ ପୂର୍ଣ୍ଣାହୁତି ଓ ମହାପ୍ରସାଦ ବଣ୍ଟନରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଆଶୀର୍ବାଦ ଗ୍ରହଣ କରିଥିଲେ । ଏହି ମହୋତ୍ସବର ସଫଳ



ଆୟୋଜନରେ କପିଳେନ୍ଦ୍ର ଦେବ ସ୍ମୃତି ପରିଷଦର ଭୂମିକା ଉଲ୍ଲେଖନୀୟ ରହିଥିଲା । ପରିଷଦର ସଭାପତି ଶ୍ରୀ ସୁବ୍ରତ ବିଶ୍ୱାଳ, ସମ୍ପାଦକ ବିକ୍ରମ ମିଶ୍ରଙ୍କ ସହ ବିଶ୍ୱଜିତ ବେହେରା, ବିଜୟ ମଲ୍ଲିକ, ମାୟାଧର ରାଉତ, ସାଗର ମହାରଣା, ନଳିନୀ ମିଶ୍ର ଓ ପରିଷଦର ଅନ୍ୟାନ୍ୟ ସଦସ୍ୟମାନେ ଉତ୍ସବର ପ୍ରତ୍ୟେକ କାର୍ଯ୍ୟରେ ସକ୍ରିୟ ଭାବେ ସହଯୋଗ କରିଥିଲେ । ଗ୍ରାମବାସୀଙ୍କ ସାମୁହିକ ସହଯୋଗ, ଶୃଙ୍ଖଳାବଦ୍ଧ ପରିଚାଳନା ଓ ଭକ୍ତମାନଙ୍କ ଅଗାଧ ଶ୍ରଦ୍ଧା ଯୋଗୁଁ ଏହି ବାର୍ଷିକ ଯଜ୍ଞଉତ୍ସବ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା । ଏପରି ଧାର୍ମିକ ଆୟୋଜନ କେବଳ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରୁନାହିଁ, ବରଂ ଗ୍ରାମର ସାମାଜିକ ସମ୍ପ୍ରୀତି, ଭାଇଚାରା ଓ ସାମୁଦାୟିକ ଏକତାକୁ ଆହୁରି ସୁଦୃଢ଼ କରୁଛି । ଉତ୍ସବର ସଫଳ ସମାପନ ପରେ ଆୟୋଜକମାନେ ସମସ୍ତ ଭକ୍ତ, ଗ୍ରାମବାସୀ ଓ ସହଯୋଗୀଙ୍କୁ କୃତଜ୍ଞତା ଜଣାଇଥିଲେ । ଭଗବାନ ସିଦ୍ଧେଶ୍ୱର ମହାଦେବଙ୍କ କୃପାରେ ଅଞ୍ଚଳରେ ସୁଖ, ଶାନ୍ତି ଓ ସମୃଦ୍ଧି ବର୍ଷିତ ହେଉ ବୋଲି ସମସ୍ତେ ପ୍ରାର୍ଥନା କରିଥିଲେ ।

# ଗଛ ଆଳରେ ମାଇନିଙ୍ଗ ସର୍ଭେ ପାଇଁ ଆସି ଟିମ୍‌କୁ ବିରୋଧ



**ବଲାଙ୍ଗୀର :** ଲୋଏର ସୁକତେଲ ପ୍ରକଳ୍ପ ପରେ ମାଙ୍ଗାନିଜ ଖଣି ପ୍ରକଳ୍ପ ପାଇଁ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଥିବା ଯୋଗୁଁ ଲୋଇସିଂହା ବ୍ଲକବାସୀଙ୍କୁ ବିସ୍ଥାପନର ଚିନ୍ତା ଘାରିଛି । ବ୍ଲକ ଅନ୍ତର୍ଗତ ବାନିପାଲି ଅଞ୍ଚଳକୁ ଗଛ ଗଣତି ପାଇଁ ଯାଇଥିବା ସର୍ବେକ୍ଷଣ ଟିମକୁ ସ୍ଥାନୀୟ ଲୋକେ ବିରୋଧ କରିବା ସହିତ ତଡି ଦେଇଥିବା ଜଣାଯାଇଛି । ବଲାଙ୍ଗିର ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ମେମୋ ନଂ- ୪୨୫୩ ମୁତାବକ, ଅଗ୍ରସେନ୍ ସ୍ୱଞ୍ଜ ପ୍ରାଇଭେଟ୍ ଲିମିଟେଡ ତରଫରୁ ବଲାଙ୍ଗିର ଜିଲ୍ଲାର ପ୍ରସ୍ତାବିତ ବବଜା ଗ୍ରାଫାଇଟ ବ୍ଲକର ପ୍ରାୟ ୨୦ ହେକ୍ଟର ଅଞ୍ଚଳରେ ଗଛ ସର୍ଭେ ତଥା ଯୁଗ୍ମ ତଦନ୍ତ କରାଯିବା ପାଇଁ ବନ ବିଭାଗକୁ ଅନୁମତି ମଗାଯିବା ସହିତ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଥିଲା । ସେହି କ୍ରମରେ କମ୍ପାନୀର ଏକ ୫ ଜଣିଆ ଟିମ୍ ବାନିପାଲି ଅଞ୍ଚଳରେ ଗଛ ଗଣତି କରିବା ସହିତ ଗଛ ଗୁଡିକରେ ଚିହ୍ନ ଦେଉଥିଲେ । ଖଣି ପ୍ରକଳ୍ପ ପାଇଁ ବିସ୍ଥାପନ ଉଦ୍ଦେଶ୍ୟରେ ଗଛ ଗଣତି ଚାଲିଥିବା ସନ୍ଦେହରେ ସ୍ଥାନୀୟ ବାସିନ୍ଦା ଘଟଣାସ୍ଥଳରେ ପହଞ୍ଚି ସର୍ବେକ୍ଷଣ ଟିମକୁ ବିରୋଧ କରିଥିଲେ। ଏପରିକି ବବଜା ଗ୍ରାଫାଇଟ ବ୍ଲକ ଅଞ୍ଚଳରେ ଖଣି ଖନନ ପାଇଁ ପୂର୍ବରୁ ସରକାରଙ୍କ ଠାରୁ ଅନୁମତି ପାଇଥିବା ଠିକାସଂସ୍ଥା ତରଫରୁ ଗଛ ଗଣତି କରାଯାଉଥିବା ଜଣାପଡିବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ସର୍ଭେ କାର୍ଯ୍ୟକୁ ବିରୋଧ କରିବା ସହିତ ତୁରନ୍ତ ସେଠାରୁ ଚାଲିଯିବା ସକାଶେ ସର୍ଭେ ଦଳକୁ କହିଥିଲେ । 'ମୋ ଜଙ୍ଗଲ ଜମି ଯୋଜନା"ରେ ଲୋକଙ୍କୁ ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ପଟ୍ଟା ପ୍ରଦାନ ଦିଗରେ ଜଙ୍ଗଲ ବିଭାଗ ଅଥବା ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ । ଓଲଟା ଖଣି ପ୍ରକଳ୍ପ ପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଉଥିବା ଯୋଗୁଁ ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ସ୍ଥାନୀୟ ଲୋକଙ୍କ ବିନା ଅନୁମତିରେ କୌଣସି ସର୍ବେକ୍ଷଣ ଟିମ୍ ଅଞ୍ଚଳକୁ ପ୍ରବେଶ କଲେ ଜୋରଦାର ବିରୋଧ କରାଯିବା ସହିତ ଆଇନକୁ ହାତକୁ ନିଆଯିବ ବୋଲି ଲୋଇସିଂହା ବ୍ଲକ ସମୂହ ଜଙ୍ଗଲ ଅଧିକାର କମିଟି ତରଫରୁ ଚେତାବନୀ ଦିଆଯାଇଛି ।

# ନକଲି ଡିଜେଲ ଏକ୍ସଜଷ୍ଟ ଫ୍ଲୁଇଡ୍ ତିଆରି କାରଖାନା ଠାବ, ୭ ଗିରଫ




**ଝାରସୁଗୁଡ଼ା :** ଝାରସୁଗୁଡ଼ାରେ ପୋଲିସକୁ ଏକ ବଡ଼ ସଫଳତା ମିଳିଛି । ନକଲି ଡିଜେଲ ଏକ୍ସଜଷ୍ଟ ଫ୍ଲୁଇଡ୍ ତିଆରି କାରଖାନା ଝାରସୁଗୁଡ଼ା ଜିଲ୍ଲାରେ ଠାବ ହୋଇଛି । 'ଅପରେସନ୍ ନେତ୍ରା' ଅଧୀନରେ ସଦର ଥାନା ଅଞ୍ଚଳର ସିରିଆବଗିଚା ଠାରେ ଚାଲିଥିବା ଏକ ନକଲି କାରଖାନାକୁ ଝାରସୁଗୁଡ଼ା ପୋଲିସ ଠାବ କରିବାରେ ସଫଳ ହୋଇଛି । ଏହି ବେଆଇନ କାରବାରରେ ସମ୍ପୃକ୍ତ ଥିବା ୭ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। କାରଖାନାରୁ ବିପୁଳ ପରିମାଣର ସାମଗ୍ରୀ ଜବତ କରାଯାଇଛି ।

ଝାରସୁଗୁଡ଼ା ପୋଲିସ ପକ୍ଷରୁ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ସିରିଆବଗିଚା ସ୍ଥିତ ଏହି ବେଆଇନ କାରଖାନା ଉପରେ ଚଢ଼ାଉ କରିଥିଲା । ଏହି କାରଖାନାରେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସବସିଡି ଯୁକ୍ତ ୟୁରିଆକୁ ପାଣି ସହିତ ମିଶାଇ ନକଲି ଉରର ପ୍ରସ୍ତୁତ କରାଯାଉଥିଲା । ଏହା ପରେ ଏହାକୁ ଟାଟା, ଅଶୋକ ଲେଲ୍ୟାଣ୍ଡ ଏବଂ ମହିନ୍ଦ୍ରା ଭଳି ନାମୀଦାମୀ ବ୍ରାଣ୍ଡର ଲୋଗୋ ଲଗାଯାଇଥିବା ବାଲ୍ଟିରେ ଭର୍ତ୍ତି କରାଯାଇ ଓଡ଼ିଶା ଏବଂ ପଡ଼ୋଶୀ ଛତିଶଗଡ଼କୁ ଚୋରା ଚାଲାଣ କରାଯାଉଥିଲା । ଚଢ଼ାଉ ବେଳେ ପୋଲିସ ୨୫୬ ବସ୍ତା ଭାରତ ୟୁରିଆ, ୪୨୨ଟି ବିଭିନ୍ନ ବ୍ରାଣ୍ଡର ଖାଲି ବାଲ୍ଟି, ୧୯ଟି ପାଣି କଣ୍ଟେନର, ୬ଟି ମୋଟର ଏବଂ ନକଲି ହୋଲୋଗ୍ରାମ ଷ୍ଟିକର ଜବତ କରିଛି । ଏଥି ସହିତ ପରିବହନରେ ବ୍ୟବହୃତ ଦୁଇଟି ବୋଲେରୋ ପିକଅପ୍ ଭ୍ୟାନ୍‌କୁ ମଧ୍ୟ ପୋଲିସ ଜବତ କରିଛି । ଏହି ମାମଲାରେ ରାଜସ୍ଥାନ, ଛତିଶଗଡ଼, ବରଗଡ଼, ଅନୁଗୁଳ ଏବଂ ଝାରସୁଗୁଡ଼ା ଅଞ୍ଚଳର ମୋଟ ୭ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ମଧ୍ୟରେ ମୁକେଶ ଚାନ୍ଦ ଯୋଗୀ, ରାଜ କୁମାର ହେମବ୍ରମ୍, ଅମନ କୁମାର ସିଂ, ବ୍ରିଜଭୂଷଣ ସିଂ, ଜିଆଉଲ ଅନସାରୀ, ଆକାଶ ଅଗ୍ରୱାଲ ଏବଂ ପାର୍ଥ ସାରଥୀ ମିଶ୍ର ଆଦି ସାମିଲ ଅଛନ୍ତି। ଝାରସୁଗୁଡ଼ା ପୋଲିସ ପକ୍ଷରୁ ସାଧାରଣ ଜନତା ଏବଂ ଗାଡ଼ି ମାଲିକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

# ବରଗଛରେ ଝୁଲିପଡ଼ିଲେ ପ୍ରେମୀଯୁଗଳ

**ସୋନପୁର :** ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ଗୁଲୁଣ୍ଡା-ସିଲାଟି ରାସ୍ତାରେ ଏକ ବରଗଛ ଡାଳରେ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଛି। ତେବେ ଏହା ଆତ୍ମହତ୍ୟା ନା ହତ୍ୟା ତାହା ସନ୍ଦେହ ଘେରରେ ରହିଛି । ବର୍ତ୍ତମାନ ସୁଦ୍ଧା ଉଭୟଙ୍କ ପରିଚୟ ମିଳିପାରିନାହିଁ। ଗଛ ମୂଳରେ ଗୋଟିଏ ବ୍ୟାଗ ଓ ଯୁବତୀ ଯୁବକଙ୍କ ଚପଲ ପଡ଼ିଛି । ବିନିକା ପୋଲିସ ଗୁରୁବାର ସକାଳେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ବିନିକା ଗୁଲୁଣ୍ଡା କୁଷ୍ଠ ଆଶ୍ରମ ଠାରେ ଓଢଣୀ ଲଗାଇ ଦୁହେଁ ଆତ୍ମହତ୍ୟା କରିଥିବା ସନ୍ଦେହ ପ୍ରକାଶ ପାଇଛି ।

# ଦୋକାନ କାନ୍ଥ କଣାକରି ଲୁଟିନେଲେ ମୋବାଇଲ




**ସୁବର୍ଣ୍ଣପୁର :** ଦୋକାନ କାନ୍ଥ କଣାକରି ଲକ୍ଷାଧିକ ଟଙ୍କା ମୂଲ୍ୟର ମୋବାଇଲ ଚୋରୀ। ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବସଷ୍ଟାଣ୍ଡ ନିକଟରେ ଥିବା ଶିବା ମୋବାଇଲରୁ ଗତକାଲି ରାତିରେ ଏହି ଚୋରୀ ହୋଇଛି । ଗତକାଲି ରାତି ପ୍ରାୟ ୧ଟା ସମୟରେ ଚୋରମାନେ ଦୋକାନ ପଛପଟ କାନ୍ଥକୁ କଣା କରି ଦୋକାନ ଭିତରେ ପ୍ରବେଶ କରିଥିଲେ । ଦୋକାନରେ ଥିବା ୪୭ ଗୋଟି ଦାମୀ ମୋବାଇଲ ,୯ଟି ଡେମୋ ମୋବାଇଲ ସହ ଡ୍ରରେ ଥିବା ୧୫ ହଜାର ରୁ ଉର୍ଦ୍ଧ୍ୱ ଟଙ୍କା ଚୋରୀ କରିନେଇଛନ୍ତି । ଆଜି ସକାଳୁ ଦୋକାନ ମାଲିକ ଦୋକାନ ଖୋଲିଲାପରେ ଦୋକାନରୁ ଚୋରୀ ହୋଇଥିବା ସମ୍ପର୍କରେ ଜାଣି ପାରିଥିଲେ । ଏନେଇ ସେ ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ ପରେ ବୀରମହାରାଜପୁର ପୋଲିସ ଦୋକାନରେ ପହଁଚି ତଦନ୍ତ ଆରମ୍ଭ କରିଛି । ସେପଟେ ଚୋରି ହୋଇଯାଇଥିବା ମୋବାଇଲ କିପରି ଫେରିପାଇବେ ସେନେଇ ଅସାବାନ୍ଧିଛନ୍ତି ଦୋକାନୀ ମାଲିକ ।

# ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ 'ମଦର୍ସ ଡେ' ପାଳିତ

**ଟିଟିଲାଗଡ :** ମା' ହେଉଛନ୍ତି ଈଶ୍ୱରଙ୍କ ଦ୍ୱାରା ଦିଆଯାଇଥିବା ଏକ ଅମୂଲ୍ୟ ଉପହାର । ମା' ନଥିଲେ ସଂସାର ନଥାନ୍ତା । ମା'ର ପ୍ରେମ ହିଁ ସତ୍ୟ, ପାଳନା ହିଁ ଶିବମ୍ ଏବଂ ତାଙ୍କର ଶିକ୍ଷା ହିଁ ସୁନ୍ଦରମ୍ । ମା'ର କୋଳ ଛୁଆମାନଙ୍କ ପାଇଁ ଏକ ଶୀତଳ ଛତ୍ରଛାୟା ସଦୃଶ । ମା'ର କୋଳକୁ ଆସିଲେ ଛୁଆ ନିଜର ସମସ୍ତ ଦୁଃଖ ଓ କଷ୍ଟ ଭୁଲିଯାଏ । ଉକ୍ତ ବିଚାର ମଦର୍ସ ଡେ ଅବସରରେ ଆୟୋଜିତ "ମା' – ସୁଖୀ ପରିବାରର ଆଧାରଶିଳା" ବିଷୟକ କାର୍ଯ୍ୟକ୍ରମରେ ପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବେ ଅନୁରାଧା ସିଂଘଲ ଜୀ, ଡି.ଏ.ଭି. ଅଟୋନୋମସ୍ କଲେଜ ଟିଟିଲାଗଡ଼ର ସାଇନ୍ସ କେମେଷ୍ଟ୍ରି ଲେକ୍ ?ଚରର, ମନୋରମା ବାରିକ, ହେଡମାଷ୍ଟର ବଡପତ୍ରାପାଳି ପ୍ରାଇମେରୀ ସ୍କୁଲ, ତେରାପନ୍ଥ ଜୈନ ମହିଳା ସମିତିର ଅଧ୍ୟକ୍ଷା ଭାବନା ଜୈନ, ଉପାଧ୍ୟକ୍ଷା ଦୀପିକା ଜୈନ, ବ୍ରହ୍ମାକୁମାରୀ ଟିଟିଲାଗଡ଼ର ସେବା ପ୍ରଭାରୀ ବି.କେ. ଦାମିନୀ ଭଉଣୀ ଏବଂ ବି.କେ. ମନୀଷା ଭଉଣୀ ପରମାତ୍ମା ସ୍ମୃତିରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଛୁଆମାନଙ୍କର ସମର କ୍ୟାମ୍ପର ସମାପନ ସମାରୋହ ମଧ୍ୟ ପାଳନ କରାଯାଇଥିଲା । ଯେଉଁଥିରେ ସମସ୍ତ ବକ୍ତା ନିଜ ନିଜର ବିଶେଷ ଅନୁଭବ ଶେୟାର କରିଥିଲେ । ଏହି ମାନବ ଜୀବନରେ ମା'ର ଏକ ଅହମ ଭୂମିକା ରହିଛି । ପରମାତ୍ମା ସମସ୍ତ ଜାଗାରେ ନିଜର ଉପସ୍ଥିତି ଦେଇପାରିବେ ନାହିଁ, ସେଥିପାଇଁ ସେ ମା'ର ସୃଷ୍ଟି କରିଛନ୍ତି । ଯାହାଙ୍କ ମୁଣ୍ଡ ଉପରେ ମା'ର ଛତ୍ରଛାୟା ରହେ, ସେ ସଦା ସୁରକ୍ଷିତ ରହେ । ଯାହାଙ୍କ ଜୀବନରେ ନିଜ ମାତାପିତାଙ୍କ ଆଶୀର୍ବାଦ ରହିଛି, ସେହି ଛୁଆ ସଦା ଜୀବନରେ ସଫଳତା ଓ ଉନ୍ନତି ଲାଭ କରିଥାଏ । ସଭାରେ ସମସ୍ତ ଛୁଆ ଏବଂ ତାଙ୍କର ମାତାପିତାଙ୍କ ଉପସ୍ଥିତିରେ ବି.କେ. ମନୀଷା ଭଉଣୀ ସମସ୍ତଙ୍କୁ ସଂସ୍ଥାର ପରିଚୟ ଦେଇ ସମର କ୍ୟାମ୍ପର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ବି.କେ. ଦାମିନୀ ଭଉଣୀ ମଧ୍ୟ ନିଜ ଉଦ୍ ?ବୋଧନରେ କହିଥିଲେ ଯେ, ମା'ର ସମ୍ପର୍କ ହିଁ ସତ୍ୟ ସମ୍ପର୍କ, ଯେଉଁଥିରେ କୌଣସି ମିଶ୍ରଣ କିମ୍ବା ସଜାବଟ ନଥାଏ । ମା'ର ସମ୍ପର୍କ ଏମିତି ଏକ ସମ୍ପର୍କ ଯେଉଁଥିରେ ନିଜ ଛୁଆମାନଙ୍କ ପ୍ରତି ତାଙ୍କ ମୁହଁରେ କେବେ ଥକାବଟ ଦେଖାଯାଏ ନାହିଁ ଏବଂ ମା'ର ମମତାରେ କେବେ ମିଶ୍ରଣ ଦେଖାଯାଏ ନାହିଁ । ଏହିପରି ଛୁଆମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସେ ବହୁତ ସୁନ୍ଦର ଭାବରେ କହିଥିଲେ ଯେ, ଆଜି ଆମେ ଛୁଆମାନଙ୍କର ପ୍ରତ୍ୟେକ ପ୍ରକାରର ଆକ୍ଟିଭିଟି ଉପରେ ଧ୍ୟାନ ଦେଉଛୁ । ଯେପରିକି ଡାନ୍ସିଂ, ସିଙ୍ଗିଂ, ସ୍ୱିମିଂ, ଡ୍ରୟିଂ, ପେଣ୍ଟିଂ, କମ୍ପିଟିସନ୍ ଇତ୍ୟାଦିରେ ସେମାନଙ୍କୁ ସଦା ଆଗରେ ରଖୁଛୁ। କିନ୍ତୁ ଯେଉଁଠାରେ ସ୍ପିରିଚୁଆଲ୍ ଅର୍ଥାତ୍ ଆଧ୍ୟାତ୍ମିକତା ଆସେ, ସେଠାରେ ଆମେ କେବେ ଧ୍ୟାନ ଦେଇ ପାରୁନାହୁଁ । ବର୍ତ୍ତମାନ ସମୟରେ ଆମେ ଛୁଆମାନଙ୍କର ବୁଦ୍ଧିମତା ଉପରେ ଧ୍ୟାନ ଦେଉଛୁ ଏବଂ ଏହି ସମୟରେ ତାଙ୍କର ମାନସିକତା ଓ ଚିନ୍ତାଧାରାର ଶକ୍ତି ଧୀରେ ଧୀରେ କମିଯାଉଛି । ଏହାର ମୁଖ୍ୟ କାରଣ ଆଧ୍ୟାତ୍ମିକତାର ଅଭାବ ହେବାର ଦେଖାଯାଉଛି। ଆମକୁ ଜୀବନରେ ବହୁତ କଠିନାଇର ସମ୍ମୁଖୀନ ହେବାକୁ ପଡୁଛି, କାରଣ ଆମର ମନ ଓ ବୁଦ୍ଧି ଯଦି ସଠିକ୍ ଭାବରେ କାର୍ଯ୍ୟ କରେ ଏବଂ ସଠିକ୍ ନିଷ୍ପତ୍ତି ନିଏ, ତେବେ ଆମେ ଜୀବନରେ ସଦା ଆଗକୁ ବଢ଼ି ପାରିବୁ ଏବଂ ପ୍ରତ୍ୟେକ ପରିସ୍ଥିତିକୁ ସହଜତାରେ ଅତିକ୍ରମ କରିପାରିବୁ । ସେ ରାଜଯୋଗ ବିଷୟରେ ସମସ୍ତଙ୍କୁ ବୁଝାଇଥିଲେ । ଆମେ ସମସ୍ତେ ପରମାତ୍ମାଙ୍କ ଦୂତ, ଯେଉଁମାନେ ସମଗ୍ର ବିଶ୍ୱକୁ ଶାନ୍ତି ଦେବାର ନିମିତ୍ତ ହୋଇଛୁ ।

## ବଢୁଛି ବେପରୁଆ ବାଲିବୋଝେଇ ହାଇୱା ଆତଙ୍କ

# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ




**ପାଟଣାଗଡ଼ :** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଅଞ୍ଚଳରେ ପୁଣି ଏକ ଦୁଃଖଦ ସଡ଼କ ଦୁର୍ଘଟଣା ଘଟିଛି । ଅଜଣା ବାଲି ବୋଝେଇ ହାଇୱା ଗାଡ଼ିର ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାରୁ ଅଞ୍ଚଳରେ ଶୋକ ଓ ଅସନ୍ତୋଷର ପରିବେଶ ସୃଷ୍ଟି ହୋଇଛି । ଘଟଣାଟି ପାଟଣାଗଡ଼ ଥାନା ନିକଟସ୍ଥ ପଦ୍ମପୁର ରାସ୍ତାର ଫୌଜୀ ଢାବା ନିକଟରେ ଘଟିଥିବା ସୂଚନା ମିଳିଛି । ମୃତକ ଜଣକ ହେଲେ ମରୁଆଁ ଗାଁର ଜଗବନ୍ଧୁ ସାହୁ(୫୫) । ସକାଳ ସମୟରେ ସେ ରାସ୍ତାରେ ଯାଉଥିବା ବେଳେ ଏକ ଅଜଣା ହାଇୱା ଗାଡ଼ି ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ମାରିଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଲୋକଙ୍କ ସହଯୋଗରେ ଗୁରୁତର ଅବସ୍ଥାରେ ଜଗବନ୍ଧୁଙ୍କୁ ଆମ୍ବୁଲାନ୍ସ ଯୋଗେ ପାଟଣାଗଡ଼ ହସ୍ପିଟାଲକୁ ଆଣାଯାଇଥିଲା । କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଏକ ବାଲି ବୋଝେଇ ହାଇୱା ଗାଡ଼ି ଦୁର୍ଘଟଣା ଘଟାଇ ଦ୍ରୁତଗତିରେ ଫେରାର ହୋଇଯାଇଥିଲା । ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ରୋଷ ପ୍ରକାଶ ପାଇଛି । ଅଞ୍ଚଳବାସୀଙ୍କ ଅଭିଯୋଗ ଯେ, ପାଟଣାଗଡ଼ ମୁଖ୍ୟ ରାସ୍ତାରେ ବାଲି ହାଇୱା ଗାଡ଼ିମାନେ ବେପରୁଆ ଗତିରେ ଚଳାଚଳ କରି ସାଧାରଣ ଲୋକଙ୍କ ମନରେ ଭୟ ଓ ଆତଙ୍କ ସୃଷ୍ଟି କରୁଛନ୍ତି । ବାରମ୍ୱାର ଏପରି ଦୁର୍ଘଟଣା ଘଟୁଥିବା ସତ୍ତ୍ୱେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କଠୋର ପଦକ୍ଷେପ ନିଆଯାଉନଥିବାରୁ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଘଟଣାସ୍ଥଳରେ ପାଟଣାଗଡ଼ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ, ଫେରାର ହାଇୱା ଗାଡ଼ିକୁ ଚିହ୍ନଟ କରିବା ପାଇଁ ଚେଷ୍ଟା ଜାରି ରହିଛି ।

## ଅଜଣା ଟ୍ରେଲର ଧକ୍କାରେ ଗାଈର ମୃତ୍ୟୁ

# କ୍ଷତିପୂରଣ ଦାବିରେ ରାସ୍ତାରୋକ

■ ସମ୍ପୂର୍ଣ୍ଣ ଠପ୍ ହେଲା ପରିବହନ

**ସୁନ୍ଦରଗଡ଼ :** ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଥାନା ଅନ୍ତର୍ଗତ ଡୁଡୁକା ବାଇପାସ୍ ରାସ୍ତାରେ ଅଜଣା ଟ୍ରେଲର ଧକ୍କାରେ ଗୋଟିଏ ଗାଈର ମୃତ୍ୟୁ ଘଟିବା ପରେ ଉତ୍ତେଜନା ଦେଖାଦେଇଛି । ଏହି ଘଟଣା ପରେ ମୃତ ଗାଈର ମାଲିକ ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଥିଲେ । ରାସ୍ତାରୋକ ଯୋଗୁଁ ଉଭୟ ପଟେ ଶହ ଶହ କୋଇଲା ବୋଝେଇ ଗାଡ଼ି ସହ ଅନ୍ୟାନ୍ୟ ଚାରିଚକିଆ ଯାନ ଦୀର୍ଘ ସମୟ ଧରି ଅଟକି ରହିଥିଲା। ଦିନ ପ୍ରାୟ ବାରଟା ପର୍ଯ୍ୟନ୍ତ ପରିବହନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା । ଗାଈଟି ମାଲିକଙ୍କ ଜୀବିକାର ଏକମାତ୍ର ଆଧାର ଥିବାରୁ ଘଟଣାକୁ ନେଇ ଅଞ୍ଚଳରେ କ୍ଷୋଭ ପ୍ରକାଶ ପାଇଥିଲା । ପରେ ବିଭିନ୍ନ ଗାଡ଼ି ୟୁନିଅନ୍ ପକ୍ଷରୁ ୩୫ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବା ପରେ ରାସ୍ତାରୋକ ହଟିଥିଲା । କୋଇଲା ପରିବହନ ପୁଣି ସ୍ୱାଭାବିକ ହୋଇଥିଲା । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏହି ବାଇପାସ୍ ରାସ୍ତାରେ ପ୍ରାୟ ପ୍ରତିଦିନ ଏଭଳି ଦୁର୍ଘଟଣା ଘଟୁଥିବାରୁ ପ୍ରଶାସନ ପକ୍ଷରୁ ଶୀଘ୍ର ସ୍ଥାୟୀ ପଦକ୍ଷେପ ନେବାକୁ ଦାବି ହେଉଛି ।



# ଆଖିରେ ତୀରବାଜି ଗୁରୁତର ସୁକାନ୍ତିଙ୍କୁ ଭେଟିଲେ ଜିଲ୍ଲାପାଳ



**ସୁବର୍ଣ୍ଣପୁର :** ଆମେ ଆପଣଙ୍କୁ ଜଣାଇବୁ ଏମିତି ଏକ ଦୁଃଖଦ ଖବର, ଯାହା ଶୁଣିଲେ ଆପଣଙ୍କ ଆଖି ମଧ୍ୟ ଓଦା ହୋଇଯିବ । ଜଣେ ୧୦ ବର୍ଷର ମେଧାବୀ ଛାତ୍ରୀ, ଯିଏ ଆଖିରେ ଅନେକ ସ୍ୱପ୍ନ ନେଇ ପାଠ ପଢୁଥିଲା, କିନ୍ତୁ ଗୋଟିଏ ଦୁର୍ଭାଗ୍ୟ ଜନକ ଘଟଣା ତା'ର ସବୁ ସ୍ୱପ୍ନକୁ ଅନ୍ଧାର କରିଦେଇଛି । ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କୋଟସମଲେଇ ଗ୍ରାମର ଖେଡୁ କମ୍ପଙ୍କ ଝିଅ ସୁକାନ୍ତି । ଖେଡୁଙ୍କ ଗୋଟିଏ ପୁଅ ବଡ ଏବଂ ଝିଅ ସାନ । ବଡ ପୁଅ ଭିନ୍ନକ୍ଷମ ହୋଇଥିବା ବେଳେ କଥାବାର୍ତ୍ତା କରିପାରେ ନାହିଁ । ସୋନପୁର ସ୍ଥିତ ଡିଫ ଏଣ୍ଡ ଡ଼ମ୍ ସ୍କୁଲରେ ରହି ପାଠ ପଢୁଛି । ସେପଟେ ତାଙ୍କ ଝିଅ ପଞ୍ଚମ ଶ୍ରେଣୀରେ ପଢୁଥିବା ସୁକାନ୍ତିଙ୍କ ଆଖିରେ ଗତ ୧୯ ତାରିଖ ଦିନ ଏକ ତୀର ବାଜିଥିଲା । ଛୋଟ ଛୁଆମାନେ ଗାଁ ଦାଣ୍ଡରେ ଖେଳୁଥିବା ସମୟରେ କୌଣସି ଏକ କଣ୍ଟାରେ ତିଆରି ତୀର ଆସି ତାଙ୍କ ଆଖିରେ ବାଜିଥିଲା । ଆଉ ସେହି ଗୋଟିଏ ତୀର ସୁକାନ୍ତିଙ୍କ ଗୋଟିଏ ଆଖିର ଦୃଷ୍ଟିଶକ୍ତି ଛଡ଼ାଇ ନେବାକୁ ବସିଛି । ଅତି ଗରିବ ପରିବାର ହୋଇଥିବାରୁ, ପାଖରେ ଅର୍ଥର ଅଭାବ । ଡାକ୍ତରଖାନା ଖର୍ଚ୍ଚ ତ ଦୂରର କଥା, ଦୁଇ ଓଳି ଖାଇବାକୁ ମଧ୍ୟ ସଂଘର୍ଷ କରୁଛି ଏହି ଅସହାୟ ପରିବାର । ଝିଅର ଚିକିତ୍ସା କେମିତି ହେବ, ସେ ପୁଣିଥରେ ଦୁନିଆ ଦେଖିପାରିବ କି ନାହିଁ – ଏହି ଚିନ୍ତାରେ ବାପା ଖେଡୁ କମ୍ପଙ୍କ ଆଖିରୁ ଲୁହ ଶୁଖୁନି । କିନ୍ତୁ ଏହି ଦୁର୍ଦ୍ଦିନ ସମୟରେ ଦେବଦୂତ ସାଜି ଠିଆ ହୋଇଛି ସୁବର୍ଣ୍ଣପୁର ଜିଲ୍ଲାର 'ମା' ମାହେଶ୍ୱରୀ ସେନା' । ପ୍ରଥମେ ଜିଲ୍ଲାପାଳଙ୍କୁ ଭେଟି ସୁକାନ୍ତିଙ୍କ ଦୁର୍ଦ୍ଦଶା ଜଣାଇବା ସହ କେମିତି ସାହାଯ୍ୟ କରାଯାଇ ପାରିବ କର୍ମକର୍ତ୍ତାମାନେ ଆଲୋଚନା କରିଥଲେ । ପରେ ସେନାର କର୍ମକର୍ତ୍ତାମାନେ ସୁକାନ୍ତିଙ୍କ ଘରେ ପହଞ୍ଚି ତାଙ୍କୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଘର ପାଇଁ ଚାଉଳ, ଡାଲି, ଆଳୁ ଭଳି ଗ୍ରୋସରୀ ସାମଗ୍ରୀ ଯୋଗାଇ ଦେଇଛନ୍ତି । କେବଳ ସେତିକି ନୁହେଁ, ସୁବର୍ଣ୍ଣପୁର ଜିଲ୍ଲାପାଳ ମଧ୍ୟ ଏହି ଖବର ପାଇ ସୁକାନ୍ତିଙ୍କ ଦୁଃଖ ବୁଝିବାକୁ ଆଜି ତାଙ୍କ ଘରକୁ ପହଞ୍ଚିଥିଲେ । ଏବଂ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି । ଝିଅଟି ଯେମିତି ନିଜର ଦୃଷ୍ଟିଶକ୍ତି ଫେରିପାଏ ଏବଂ ପୁଣିଥରେ ପାଠ ପଢି ନିଜର ସ୍ୱପ୍ନ ପୂରଣ କରେ, ସେଥିପାଇଁ ସାରା ଜିଲ୍ଲାବାସୀ ଏବଂ ମା' ମାହେଶ୍ୱରୀ ସେନା ମହେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ସତରେ, ସେବା ଓ ସମର୍ପଣର ଏହି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ଖୁବ୍ ପ୍ରଶଂସା କରାଯାଉଛି । ଆସନ୍ତୁ ଆମେ ମଧ୍ୟ ପ୍ରାର୍ଥନା କରିବା, ସୁକାନ୍ତି ଖୁବ୍ ଶୀଘ୍ର ଭଲ ହୋଇ ଫେରିଆସୁ ।

# { ମୁରବୀଙ୍କ ଅସ୍ୱାଭାବିକ ମୃତ୍ୟୁ } ଦଶନ୍ଧି ପରେ ବି ରହସ୍ୟଘେରରେ ଅଞ୍ଚଳବାସୀ




**କଳାହାଣ୍ଡି :** କଳହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ବାଗମୁଣ୍ଡା ଗାଁରେ ଘରର ମୁରବୀ ମାନଙ୍କ ଦେହାନ୍ତ ହେଉଥିବା ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି ହୋଇଛି । ୧୪ଟି ପରିବାର ମଧ୍ୟରୁ ୧୧ ଜଣ ଘର ମୁଖିଆଙ୍କ ଦେହାନ୍ତ ହୋଇସାରିଥିବା ବେଳେ ବର୍ତ୍ତମାନ ୩ ଜଣ ବଞ୍ଚିଛନ୍ତି । କେଉଁ କାରଣ ପାଇଁ ମୁରବୀମାନେ ମୃତ୍ୟୁ ବରଣ କରୁଛନ୍ତି, ଏବେ ମଧ୍ୟ ରହସ୍ୟ ଘେରରେ ଅଛି । ଅନ୍ୟପକ୍ଷରେ ଆଉ କିଛି ଲୋକଙ୍କ ବଂଶ ମଧ୍ୟ ଲୋପ ପାଇ ଯାଇଛି ।

ବ୍ଲକର ଲେଡେର ପଞ୍ଚାୟତ ବାଗମୁଣ୍ଡା ତୁର୍ଲାପଡା ଗାଁରେ ୨୨ରୁ ଅଧିକ ଆଦିବାସୀ ପରିବାର ରହି ଆସୁଥିଲେ । ଏହି ପରିବାର ଗୁଡ଼ିକ କେବଳ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବିକ୍ରି କରିବା ସହ ନିଜ ପରିବାର ପ୍ରତିପୋଷଣ କରିଥାନ୍ତି । ବର୍ତ୍ତମାନ ଗାଁରେ ୧୪ଟି ଆଦିବାସୀ ପରିବାର ରହୁଥିବା ବେଳେ ୧୧ ଜଣ ପରିବାର ମୁଖିଆଙ୍କ ଦେହାନ୍ତ ହୋଇସାରିଛି । ବ୍ଲକର ଲେଡେର ପଞ୍ଚାୟତ ବାଗମୁଣ୍ଡା ତୁର୍ଲାପଡା ଗାଁରେ ୨୨ରୁ ଅଧିକ ଆଦିବାସୀ ପରିବାର ରହି ଆସୁଥିଲେ । ଏହି ପରିବାର ଗୁଡ଼ିକ କେବଳ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବିକ୍ରି କରିବା ସହ ନିଜ ପରିବାର ପ୍ରତିପୋଷଣ କରିଥାନ୍ତି । ବର୍ତ୍ତମାନ ଗାଁରେ ୧୪ଟି ଆଦିବାସୀ ପରିବାର ରହୁଥିବା ବେଳେ ୧୧ ଜଣ ପରିବାର ମୁଖିଆଙ୍କ ଦେହାନ୍ତ ହୋଇସାରିଛି । ଗୋଟିଏ ପଟେ ଯୁବକ ଜଣକ ଘର ଚଳାଇବା ପାଇଁ ଉପଯୁକ୍ତ ହେଲେ ଆରପଟେ ଘାରିଥାଏ ମୃତ୍ୟୁର ଭୟ । ଏହି ରହସ୍ୟ ଉପରୁ ମଧ୍ୟ କେହି ପରଦା ଉଠାଇ ପାରୁନାହାନ୍ତି । ଗତ ୧୦ ବର୍ଷ ଧରି ଗାଁ ପୁରୁଷ ଶୂନ୍ୟ ହେବାରେ ଲାଗିଛି । ଯଦି କୌଣସି ରୋଗ ହୁଏ, ତାହେଲେ ଘରର ମୁରବୀ ତଥା ପୁରୁଷଙ୍କ ହିଁ ମୃତ୍ୟୁ ହେଉଛି, ଯାହା ତଦନ୍ତ ସାପେକ୍ଷ। କେବଳ ଗୋଟାଏ ନଳକୂପ ଅଛି । ପାଣି ଟାଙ୍କି ଦେଇଥିଲେ, ତାହା ମଧ୍ୟ ଖରାପ ହୋଇ ପଡ଼ିରହିଛି । କେବଳ ଗୋଟାଏ ନଳକୂପ ଅଛି । ପାଣି ଟାଙ୍କି ଦେଇଥିଲେ, ତାହା ମଧ୍ୟ ଖରାପ ହୋଇ ପଡ଼ିରହିଛି । ଗତ କିଛି ଦିନ ତଳେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଏହି ଗାଁକୁ ପରିଦର୍ଶନରେ ଯାଇଥିଲେ । ଘଟଣା ସବୁ ବୁଝିବା ପରେ ରାଜ୍ୟ ସରକାରଙ୍କ ନୂତନ ଗୃହ ଯୋଜନା ମାଧ୍ୟମରେ ସମସ୍ତ ପଡ଼ାବାସୀଙ୍କୁ ସାମିଲ କରିବା ସହ ଏହି ସ୍ଥାନରେ ଏକ ଆଦର୍ଶ କଲୋନୀ ନିର୍ମାଣ ପାଇଁ ପଦକ୍ଷେପ ନେଇଛନ୍ତି । ଏହି ଆଦର୍ଶ କଲୋନୀ ସାଙ୍ଗକୁ ସମସ୍ତ ପ୍ରକାରର ମୌଳିକ ସୁବିଧା, ସରକାରୀ ଜମି, ବିଜୁଳି, ବିଶୁଦ୍ଧ ପାନୀୟ ଜଳ, ପାଇଖାନା, ଅଙ୍ଗନବାଡ଼ି କେନ୍ଦ୍ର ସମେତ ସମସ୍ତ ପ୍ରକାରର ସରକାରୀ ସୁବିଧା ଯୋଗାଇ ଦେବାକୁ ବ୍ଲକ ପ୍ରଶାସନ ନିଷ୍ପତ୍ତି ନେଇଛନ୍ତି । ସରକାର ଏନେଇ ହସ୍ତକ୍ଷେପ କରି ମୃତ୍ୟୁର କାରଣ ଖୋଜାଗଲେ ରହସ୍ୟ ଉନ୍ମୋଚିତ ହୋଇପାରନ୍ତା ବୋଲି ସାଧାରଣରେ ଦାବି ହେଉଛି ।

Printed, Published, edited and owned by Ipsita Pati, published from Plot No-214/A, Sahid Nagar, Bhubaneswar, PIN- 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, PIN- 751014, Khurda, Odisha. email: pratishabda7@gmail.com

Editor- Ipsita Pati
Managing Director -Jitendra Kumar Pati
Executive Editor -Satyajit Mohapatra

ସମ୍ପାଦିକା : ଇପ୍‌ସିତା ପତି
ପରିଚାଳନା ନିର୍ଦ୍ଦେଶକ : ଜିତେନ୍ଦ୍ର କୁମାର ପତି
କାର୍ଯ୍ୟନିର୍ବାହୀ ସମ୍ପାଦକ: ସତ୍ୟଜିତ୍ ମହାପାତ୍ର